ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.284 Bhubaneswar Sunday, January 02, 2022 | ୨୪ତମ ବର୍ଷ ସଂଖ୍ୟା-୨୮୪ ଭୁବନେଶ୍ୱର, ରବିବାର, ଜାନୁଆରୀ ୦୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS





ପୋଖରୀପୁଟ କାଳୁନନ୍ଦ ନଗରରେ ରାସ୍ତାରେ ରଙ୍ଗରେ ଲେଖି ନବବର୍ଷର ଅଭିନନ୍ଦନ ଜଣାଉଛନ୍ତି ଜଣେ ଚିତ୍ରକର ( ଫଟୋ- ଦୀପକ)

## ନିୟମିତ ହେବେ ୮୧୦୨ ଚୁକ୍ତିଭିତିକ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର, ୧।୧(ପି.ଏନ): ଆଜି ନୂତନ ବର୍ଷ ଅବସରରେ ରାଜ୍ୟ ସରକାର ୮୧୦୨ ଚୁକ୍ତିଭିତିକ କନିଷ୍ଠ ଶିକ୍ଷକମାନଙ୍କ ଚାକିରିକୁ ନିୟମିତ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ପଦୋନ୍ନତି ନିମନ୍ତେ ଉଦ୍ଦିଷ୍ଟ ସମୟସୀମାକୁ କୋହଳ କରିଥିବାରୁ ୪୦ ହଜାର ୫୨ ଜଣ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ପାରିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରକାଶ କରିଛନ୍ତି ।

## ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧।୧(ପି.ଏନ): ରାଜଧାନୀର ଏକ ଘରୋଇ କଲେଜର ହଷ୍ଟେଲରୁ ଜଣେ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣାକୁ ନେଇ ରାଜଧାନୀରେ ଚାଂଚଲ୍ୟ ଖେଳିଯାଇଛି । ଇନଫୋସିଟି ଥାନା ଅନ୍ତର୍ଗତ ସୃଷ୍ଟି ଏକାଡେମି ଅଫ ମ୍ୟାନେଜମେଂଟ ନିକଟରେ ଥିବା ଏକ ଛାତ୍ରୀନିବାସରୁ ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଛି । ଉକ୍ତ ଯୁବତୀଜଣକ ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି । ଇନଫୋସିଟି ଥାନା ପୋଲିସ୍ ଯୁବତୀଙ୍କ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ ଛାତ୍ରୀ ଜଣକ ଘରୋଇ କଲେଜର ଏମବିଏ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ । ଉକ୍ତ ରୁମ୍ ରେ ସେ ଅନ୍ୟ ଦୁଇ ଛାତ୍ରୀଙ୍କ ସହ ରହୁଥିବା ବେଳେ ନୂଆବର୍ଷ ଥିବାରୁ ସେମାନେ ଘରକୁ ଚାଲିଯାଇଥିଲେ । ରୁମ୍ ରେ ଏକା ଥିବା ବେଳେ ଛାତ୍ରୀ ଜଣକ ଆତ୍ମହତ୍ୟା କାହିଁକି କଲେ ତାର କାରଣ ଖୋଜିବ ପୋଲିସ୍ ।

## ରାଜ୍ୟପାଳଙ୍କୁ ଭେଟିଲେ ବାଚସ୍ପତି

ଭୁବନେଶ୍ୱର, ୧।୧(ପି.ଏନ): ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ବାଚସ୍ପତି ଡ. ପାତ୍ର ରାଜଭବନ ଯାଇ ରାଜ୍ୟପାଳଙ୍କୁ ସାକ୍ଷାତ କରି ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ନବବର୍ଷ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେବ ବୋଲି କାମନା କରିବା ସହ ରାଜ୍ୟପାଳଙ୍କ ଶୁଭକାମନା କରିଛନ୍ତି ।

# ଗୋଟିଏ ଦିନରେ ୨୯୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୯୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୫୧୩୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୪ ହଜାର ୮୦୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୮୧୪ ରହିଛି । ଆଜି ଚିହ୍ନଟ ହୋଇଥିବା ୨୯୮ ଜଣଙ୍କ ମଧ୍ୟରୁ ୧୭୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୧୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୮ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୪, ଭଦ୍ରକ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୩୫ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଗଂଜାମ ଜିଲ୍ଲାରେ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯, ଯାଜପୁରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ୮ , ଖୋର୍ଦ୍ଧାରୁ ୧୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୨ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୨୩, ଷ୍ଟେଟ୍ ପୁଲରୁ ୨୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ୭ ଦିନ ହେଲା ଘରେ ବନ୍ଦୀ ଅଛନ୍ତି ବୃଦ୍ଧା ଓ ପୁଅ



ଭୁବନେଶ୍ୱର, ୧।୧(ପି.ଏନ): ୭ ଦିନ ହେଲା ଘର ଭିତରେ ବନ୍ଦୀ ହୋଇ ରହିଛନ୍ତି ୭୬ ବର୍ଷୀୟା ବୃଦ୍ଧା ଅନୁସୂୟା ମହାନ୍ତି ଓ ତାଙ୍କ ପୁଅ । ଭୁବନେଶ୍ୱର ସିଆରପି ଛକ ନିକଟ ପ୍ରିୟଦର୍ଶିନୀ ମାର୍କେଟ ପଛପଟେ ଥିବା ଏକ ଘରେ ଦେଖିବାକୁ ମିଳିଛି ଏହିଭଳି ଅଭାବନୀୟ ଘଟଣା । ଜମିବାଡି ବିବାଦକୁ ନେଇ ୯ବର୍ଷ ହେଲା ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ବିବାଦ ଲାଗିରହିଥିଲା । ବିବାଦ ବଢ଼ିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ବୃଦ୍ଧାଙ୍କର ଘର ଫାଟକରେ ତାଲା ପକାଇ ଦେଇଛନ୍ତି । ଫଳରେ ୭ଦିନ ହେଲା ବୃଦ୍ଧା ଓ ତାଙ୍କ ପୁଅ ଘରବନ୍ଦୀ ଅବସ୍ଥାରେ ରହିଛନ୍ତି । ଘରର ପଟ୍ଟା ଅନୁସୂୟା ମହାନ୍ତି ଓ ତାଙ୍କ ସ୍ୱାମୀଙ୍କ ନାଁରେ ଥିବା ବେଳେ ୪ଜଣ ବ୍ୟକ୍ତି ସମ୍ପତି ହଡ଼ପ କରିବାକୁ ଯୋଜନା କରୁଥିବା ବୃଦ୍ଧାଙ୍କ ପୁଅ ଅଭିଯୋଗ କରିଛନ୍ତି । ଏନେଇ କୋର୍ଟ ମାମଲା ମଧ୍ୟ ଚାଲିଛି । କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ପୋଲିସ ଘର ସମ୍ମୁଖରେ ନିୟୋଜିତ ହୋଇଛନ୍ତି । ହେଲେ ପୋଲିସକୁ ଖାତିର ନକରି କିଛି ଲୋକ ବନ୍ଦୀ କରି ରଖିଥିବା ଅଭିଯୋଗ ହୋଇଛି । ପୂର୍ବରୁ ପୋଲିସ ଆସି ତାଲା ଭାଙ୍ଗିଥିଲେ ମଧ୍ୟ ଆଉ ଥରେ ତାଲା ପକାଇଦିଆଯାଇଛି ।

# ନୂଆବର୍ଷର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୧(ପି.ଏନ): ନୂଆବର୍ଷରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୨୦୨୨ ଓଡ଼ିଶା ପାଇଁ ସମୃଦ୍ଧିର ବର୍ଷ ହେଉ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏକ ଭିଡିଓ ବାର୍ତା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ଓମିକ୍ରନ ମୁକାବିଲା ପାଇଁ ରାଜ୍ୟବାସୀ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଏହାସହ କୋଭିଡ ନିୟମ ପାଳନ କରିବାକୁ ଅନୁରୋଧ କରିଛନ୍ତି । ଏହାପରେ ସୋସିଆଲ ମିଡ଼ିଆରେ ମୁଖ୍ୟମନ୍ତ୍ରୀଙ୍କର ଏକ ଭିଡ଼ିଓ ଆସିଥିଲା , ଯେଉଁଥିରେ ନବୀନଙ୍କର ଏକ ନିଆରା ଅନ୍ଦାଜ ଦେଖିବାକୁ ମିଳିଛି । କରୋନା କଟକଣା କାରଣରୁ ପୁରୀ ଶ୍ରୀମନ୍ଦିର ଭକ୍ତଙ୍କ ପାଇଁ ବନ୍ଦ ରହିଥିବା ବେଳେ ନବୀନ ନିବାସରେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛନ୍ତି ମୁଖ୍ୟମନ୍ତ୍ରୀ ।

# ଦୈନିକ 'ପର୍ଯ୍ୟବେକ୍ଷକର' ମାସିକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର, ୧।୧(ପି.ଏନ): ଦୈନିକ 'ପର୍ଯ୍ୟବେକ୍ଷକର' ମାସିକ ୫ମ ଖବରଦାତା ସମ୍ମିଳନୀ ଗୁଗୁଲମିଟ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି । ଆଗାମୀ ୨ ଫେବୃଆରୀ ୨୦୨୨ରେ 'ପର୍ଯ୍ୟବେକ୍ଷକ'ର ୨୪ତମ ପ୍ରତିଷ୍ଠା ଦିବସ ଉତ୍ସବ ପାଳନ ବିଷୟରେ ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ରମୋହନ ସାମନ୍ତରାୟ ଉପସ୍ଥିତ କର୍ମକର୍ତ୍ତା ତଥା ସାମ୍ବାଦିକମାନଙ୍କ ସହ ବିଶେଷ ଭାବେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ତଥା ଓଡ଼ିଶା ବାହାରେ କାର୍ଯ୍ୟରତ ସାମ୍ବାଦିକମାନେ ସର୍ବଶ୍ରୀ ପ୍ରଶାନ୍ତ ମହାନ୍ତି, ଯୋଗେଶ୍ୱର ପଣ୍ଡା, ବିଭୂତି ସାମନ୍ତରାୟ, ନୀତିଶ ରଞ୍ଜନ, ସୁବାସ ବିହାରୀ, ଡି. ବିଜୟ, ଲଳିତ ବଲ୍ଲଭ ରାଉତ, ମାନସ ସେଠୀ, ସୁବ୍ରତ ସାହୁ, ଅରବିନ୍ଦ ମେକପ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସର୍ବଶେଷରେ ମୁଖ୍ୟ ସମ୍ପାଦକ ଡକ୍ଟର ସାମନ୍ତରାୟ ସମସ୍ତ ଶୁଭେଚ୍ଛୁ, ପାଠକ, ବିଜ୍ଞାପନଦାତା, ଲେଖକ ଲେଖିକା, ହକର ବନ୍ଧୁଗଣ, ସାମ୍ବାଦିକ, କର୍ମଚାରୀବୃନ୍ଦ ଓ ସମସ୍ତଙ୍କ ପରିବାରବର୍ଗଙ୍କୁ ନୂଆ ବର୍ଷର ଅଭିନନ୍ଦନ,ଶୁଭେଚ୍ଛା ଜ୍ଞାପନ କରିଥିଲେ ।




# ନୂଆବର୍ଷ ଭେଟି : ୪୦୫ଟି ଓଏଏସ୍ ଓ ୭୯୬ଟି ଏଏସଓ ନିଯୁକ୍ତି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୧।୧(ପି.ଏନ): ରାଜ୍ୟ ସରକାର ଓଡିଶା ପ୍ରଶାସନିକ ସେବା( ଗ୍ରୁପ-'ଏ' ଓ 'ବି') ଏବଂ ଓଡିଶା ସଚିବାଳୟ ସେବାରେ ଖାଲି ପଡିଥିବା ପଦବୀ ପୂରଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଓଡିଶା ଲୋକସେବା ଆୟୋଗ(ଓପିଏସସି)ଙ୍କ ଦ୍ୱାରା ଓଡିଶା ପ୍ରଶାସନିକ ସେବାରେ ୪୦୫ଟି ପଦବୀ ଓ ଓଡିଶା ସଚିବାଳୟ ସେବାରେ ୭୯୬ଟି ପଦବୀ ନିମନ୍ତେ ବିଜ୍ଞପ୍ତି ଜାରି କରିଛନ୍ତି । ଚାକିରୀ ଆଶାୟୀଙ୍କ ନିମନ୍ତେ ନୂଆବର୍ଷରେ ରାଜ୍ୟ ସରକାର ଏହି ଭେଟି ଦେଇଛନ୍ତି ।ଓପିଏସସିଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଡିଶା ପ୍ରଶାସନିକ ସେବାର ଗ୍ରୁପ-ଏ ଓ ବି ରେ ମୋଟ ୪୦୫ଟି ପଦବୀ ନିମନ୍ତେ ଆବେଦନ ଆହ୍ୱାନ କରାଯାଇଛି । ଏଥିରୁ ଗ୍ରୁପ- 'ଏ' ରେ ଓଡିଶା ପ୍ରଶାସନିକ ସେବା(ଓଏଏସ) ପାଇଁ ୫୦ଟି, ଓଡିଶା ଅର୍ଥ ସେବା(ଓଏଫଏସ) ପାଇଁ ୯୭ଟି, ଓଡିଶା ପୁଲିସ ସେବା(ଓପିଏସ) ପାଇଁ ୬ଟି ପଦବୀ ନିମନ୍ତେ ବିଜ୍ଞପ୍ତି ଜାରି ହୋଇଥିବାବେଳେ ଗ୍ରୁପ୍-'ବି' ରେ ଓଡିଶା ସମବାୟ ସେବାରେ ୨ଟି ପଦବୀ, ଓଡିଶା ଶ୍ରମ ସେବାରେ ୧୫୦ଟି ପଦବୀ, ଓଡିଶା ରାଜସ୍ୱ ସେବାରେ ୪୦ଟି, ଓଡିଶା ନିଯୁକ୍ତି ସେବାରେ ୧୦ଟି , ଓଡିଶା ୱେଲଫେୟାର ସେବାରେ ୪୨ଟି ଏବଂ ଓଡିଶା ଟିକସ ସେବାରେ ୮ଟି ପଦବୀ ନିମନ୍ତେ ଆବେଦନ ଆହ୍ୱାନ କରାଯାଇଛି ।ଓଡିଶା ପ୍ରଶାସନିକ ସେବାର ଗ୍ରୁପ ଏ ଓ ବି ବର୍ଗର ଏହି ମୋଟ ୪୦୫ଟି ପଦବୀ ମଧ୍ୟରୁ ୧୩୨ଟି ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି । ଏହି ୪୦୫ଟି ପଦବୀ ମଧ୍ୟରୁ ୨୧୬ଟି ପଦବୀ(୭୨ଟି ମହିଳା) ଅଣସଂରକ୍ଷିତ ଥିବାବେଳେ ୩୬(୧୧ ମହିଳା)ଟି ପଛୁଆ ବର୍ଗ, ୬୬ଟି(୨୧ ମହିଳା) ଅନୁସୂଚିତ ଜାତି, ୮୭ଟି(୨୮-ମହିଳା) ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀଙ୍କ ନିମନ୍ତେ ସଂରକ୍ଷିତ ରହିଛି । ଏଥିରେ ମୋଟ ୧୮ଟି ପଦବୀ ଦିବ୍ୟାଙ୍ଗଙ୍କ ପାଇଁ ୭ଟି ଏକ୍ସ ସର୍ଭିସ ମ୍ୟାନ୍ ଓ ୩ଟି ସ୍ପ ?ର୍ଟସ କୋଟା ପାଇଁ ସଂରକ୍ଷିତ ରହିଛି ।ଏହି ପଦବୀଗୁଡିକ ନିମନ୍ତେ ଅନଲାଇନରେ ଆବେଦନ କରିବାକୁ ପଡିବ । ଏଥିପାଇଁ ଆସନ୍ତା ୧୦ତାରିଖରୁ ଫେବୃୟାରୀ ୯ତାରିଖ ପର୍ଯ୍ୟନ୍ତ ଅନଲାଇନରେ ନାମ ପଞ୍ଜିକରଣ ଓ ଫି ପୈଠ ଉପଲବ୍ଧ ଥିବାବେଳେ ଫେବୃୟାରୀ ୧୮ତାରିଖ ସୁଦ୍ଧା ପଞ୍ଜିକୃତ ଅନଲାଇନ୍ ଆବେଦନକୁ ଦାଖଲ କରିବାକୁ ପଡିବ । ପ୍ରାର୍ଥୀମାନେ ଉଭୟ ଓଏଏସ୍ ପ୍ରିଲିମିନାରୀ ଓ ମେନ୍ ପରୀକ୍ଷା ପାଇଁ ଅନଲାଇନରେ ଆବେଦନ କରିବେ । ଏହି ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀମାନେ ସାକ୍ଷାତକାର ପରୀକ୍ଷା ଦେବା ପୂର୍ବରୁ ଅନଲାଇନରେ କରିଥିବା କରିଥିବା ଆବେଦନର ମୂଳ କପି ସହ ନିଜର ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟାନ୍ୟ ସାର୍ଟିଫିକେଟକୁ ଅଫଲାଇନରେ ଦାଖଲ କରିବେ ।ସେହିପରି ଓଡିଶା ସଚିବାଳୟ ସେବାରେ ଖାଲି ପଡିଥିବା ଏଏସଓ(ଆସିଷ୍ଟାଂଟ୍ ସେକ୍ସନ ଅଫିସର) ପଦବୀ ମଧ୍ୟରୁ ୭୯୬ଟି ପଦବୀ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଇଛି । ଏହି ମୋଟ ପଦବୀରୁ ୪୪୭ଟି(୧୪୯ଟି ମହିଳା) ପଦବୀ ଅଣସଂରକ୍ଷିତ ଥିବାବେଳେ ଏସଇବିସି ବର୍ଗ ପାଇଁ ୬୨ଟି(୨୧ଟି ମହିଳା), ଅନୁସୂଚିତ ଜାତି ପାଇଁ ୧୦୯ଟି(୩୬ ମହିଳା) ଓ ଅନୁସୂଚିତ ଜନଜାତି ପାଇଁ ୧୭୮ଟି(୫୯ ମହିଳା) ପଦବୀ ସଂରକ୍ଷିତ ରହିଛି । ଏହି ମୋଟ ପଦବୀ ମଧ୍ୟରେ ସ୍ପ ?ର୍ଟସ କୋଟାରେ ୮ଟି (୩ ମହିଳା), ଏକ୍ସ ସର୍ଭିସମ୍ୟାନ ପାଇଁ ୨୪ଟି ଓ ଦିବ୍ୟାଙ୍ଗଙ୍କ ନିମନ୍ତେ ୩୯ଟି(୧୩ ମହିଳା) ପଦବୀ ସଂରକ୍ଷିତ ରହିଛି । ଏଏସଓ ପଦବୀ ନିମନ୍ତେ ପ୍ରାର୍ଥୀଙ୍କୁ ଅନଲାଇନରେ ଆବେଦନ କରିବାକୁ ପଡିବ । ଜାନୁୟାରୀ ୨୦ରୁ ଅନଲାଇନ୍ ପଞ୍ଜିକରଣ ଓ ଫି ଦେୟ ଉପଲବ୍ଧ ହେବ ଯାହାକି ଫେବୃୟାରୀ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ । ପଞ୍ଜିକୃତ ଅନଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ଫେବୃୟାରୀ ୨୫ତାରିଖ ରହିଛି । ରାଜ୍ୟର ୩୪ଟି ସହରରେ ଏଏସଓ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

# ନବବର୍ଷରେ ୧୦୦ ଦିବସୀୟ ପଠନ ଅଭିଯାନ ପଢ଼େ ଭାରତ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୧(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଇଂରାଜୀ ନବ ବର୍ଷ-୨୦୨୨ ଅବସରରେ ରାଷ୍ଟ୍ରୀୟ ଶିକ୍ଷା ନୀତି -୨୦୨୦ ଅନ୍ତର୍ଗତ ୧୦୦ ଦିବସୀୟ ପଠନ ଅଭିଯାନ 'ପଢ଼େ ଭାରତ'ର ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନ ଅଧୀନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେଶର ନାଗରିକ ବିଶେଷ ଭାବରେ ଯୁବପିଢ଼ିଙ୍କୁ 'ବହି ପଢ଼ିବା'କୁ ନିତିଦିନିଆ ଅଭ୍ୟାସରେ ପରିଣତ କରିବାକୁ ଆହ୍ୱାନ କରିଛନ୍ତି ।ରାଷ୍ଟ୍ରୀୟ ଶିକ୍ଷା ନୀତିରେ ପିଲାମାନଙ୍କୁ ନିଜ ବୟସ ଅନୁସାରେ ନିଜ ମାତୃଭାଷା ବା ଆଂଚଳିକ ଭାଷାରେ ବହିପଢ଼ିବା ପାଇଁ ପ୍ରୋତ୍ସାହନ ଦେବାକୁ ଗୁରୁତ୍ୱ ଦିଆଯାଇଛି । ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାରା ଜୀବନ ଶିକ୍ଷା ଗ୍ରହଣକୁ ବିକଶିତ କରିବା ଦିଗରେ ପୁସ୍ତକ ପଢ଼ିବାର ବିଶେଷତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅଳ୍ପ ବୟସରୁ ପୁସ୍ତକ ପଢ଼ିବା ଅଭ୍ୟାସ କଲେ ଏହା ଶିଶୁଙ୍କ ମାନସିକ ବିକାଶ କରିବ । ସେମାନଙ୍କ ସୃଜନଶୀଳତାକୁ ବୃଦ୍ଧି କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ଏକ ସୁସ୍ଥ ବାତାବରଣ ତିଆରି କରିବ ବୋଲି ସେ କହିଛନ୍ତି ।ସେ କହିଛନ୍ତି ଯେ ବହି ପଢ଼ିବା ଏକ ଭଲ ଅଭ୍ୟାସ ଏବଂ ଜ୍ଞାନ, ଭାଷା ଏବଂ ସାମାଜିକ ଦକ୍ଷତାର ବିକାଶ କରିବାରେ ଏକ ଭଲ ଉପାୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ନାଗରିକଙ୍କୁ ନିୟମିତ ପୁସ୍ତକ ପଢ଼ିବା ପାଇଁ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରେରଣାରେ ପୁସ୍ତକ ପଢ଼ିବାକୁ ସାରା ଜୀବନ ଅଭ୍ୟାସରେ ପରିଣତ କରିବା ନେଇ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି । 'ପଢ଼େ ଭାରତ' ଅଭିଯାନ ଅନ୍ତର୍ଗତ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ୫ଟି ପୁସ୍ତକ ପଢ଼ିବା ଆରମ୍ଭ କରିଛନ୍ତି । ଏଥିରେ ୨ଟି ଓଡ଼ିଆ ପୁସ୍ତକ କବିବର ରାଧାନାଥ ରାୟଙ୍କ 'ଚିଲିକା', ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ପ୍ରାୟଶ୍ଚିତ' ରହିଛି । ସେହିପରି ଅନ୍ୟ ତିନୋଟି ପୁସ୍ତକ ଜେମ୍ସ କ୍ଲିୟରଙ୍କ 'ଆଟୋମିକ୍ ହାବିଟ୍ସ', ରସକିନ୍ ବଣ୍ଡଙ୍କ 'ଏ ଲିଟିଲ୍ ବୁକ୍ ଅଫ୍ ହାପିନେସ୍', ସ୍ୱାମୀ ବିବେକାନନ୍ଦଙ୍କ 'ରିଫ୍ଲେକ୍ସନ୍ସ' ମଧ୍ୟ ରହିଛି । ଏହି ଅଭିଯାନ ଅନ୍ତର୍ଗତ ପାଠକ ପାଠକାମାନେ ନିଜେ ପଢୁଥିବା ପୁସ୍ତକ ସହ ଆଗକୁ କେଉଁ ପୁସ୍ତକ ପଢିବା ଉଚିତ୍, ସେ ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ ତାଙ୍କ ମତାମତ ଦେବାକୁ କହିଛନ୍ତି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ 'ପଢ଼େ ଭାରତ' ଅଭିଯାନରେ ସମସ୍ତଙ୍କ ମଧ୍ୟରେ ପୁସ୍ତକ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ଏହି ଅଭିନବ ପଦକ୍ଷେପ ନିଆଯାଇଛି । ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ, ଶିକ୍ଷାବିତ୍ ଏବଂ ସମାଜ ସମେତ ରାଷ୍ଟ୍ରୀୟ ଏବଂ ରାଜ୍ୟ ସ୍ତରରେ ସମାଜର ଅଂଶୀଦାରଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବାବ ଏହାର ଉଦ୍ଦେଶ୍ୟ । ୧୦୦ ଦିବସୀୟ ପଠନ ଅଭିଯାନ ଛାତ୍ରଛାତ୍ରୀ ମାନଙ୍କର ପାଠ ପଢିବାର ଉନ୍ନତି ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ବାଲ୍ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏହି ଅଭିଯାନର ଭାଗୀଦାରୀ ହେବେ । ପଠନ ଅଭିଯାନ ୧ ଜାନୁଆରୀ ୨୦୨୨ରେ ଆରମ୍ଭ ହୋଇ ୧୦ ଏପ୍ରିଲ୍ ୨୦୨୨ ପର୍ଯ୍ୟନ୍ତ ୧୦୦ ଦିନ ବା ୧୪ ସପ୍ତାହ ଧରି ଆୟୋଜନ କରାଯିବ । ଛାତ୍ରଛାତ୍ରୀ ତଥା ଲୋକଙ୍କ ମଧ୍ୟରେ ପୁସ୍ତକ ପଢ଼ିବାକୁ ଆଗ୍ରହ ସୃଷ୍ଟି କରିବା ଏବଂ ଏହାକୁ ଉପଭୋଗ କରିବା ପାଇଁ ଏହି ଚଉଦ ସପ୍ତାହ ମଧ୍ୟରେ ଗଠନ ହୋଇଥିବା ପ୍ରତିଟି ଗ୍ରୁପ କାର୍ଯ୍ୟକ୍ରମ କରିବେ ।

# କିଶୋର ଟିକାକରଣ ପାଇଁ ପଂଜୀକରଣ ଆରମ୍ଭ, ୩ରୁ ଟିକା

ଭୁବନେଶ୍ୱର, ୧।୧(ପି.ଏନ): ରାଜ୍ୟରେ ଆଜି (ଶନିବାର)ଠାରୁ ୧୫-୧୮ ବର୍ଷ ପିଲାଙ୍କ ଟିକାକରଣ ଲାଗି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଯାବତ୍ ୪୫ ହଜାର ପିଲା ଟିକାକରଣ ଲାଗି ନାମ ପଞ୍ଜୀକରଣ କରିଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ୧୫ରୁ ୧୮ ବର୍ଷ ବୟସ୍କ କିଶୋରମାନେ କୋୱିନ୍ ପୋର୍ଟାଲରେ ଲଗ ଇନ କରି ମୋବାଇଲ ନମ୍ବର ଦେଇ ଓଟିପି ଜରିଆରେ ଟୀକାକରଣ ପାଇଁ ନାମ ପଞ୍ଜୀକରଣ କରିପାରିବେ । ଏହାପରେ ଉକ୍ତ ପୋର୍ଟାଲରେ ଆପଏଂଟମେଂଟ ବୁକ୍ କରି ୩ ତାରିଖ ପରଠାରୁ ଟିକା ନେଇପାରିବେ । ଏବେ ରାଜ୍ୟରେ ୨୬୦୦ ଟିକାକରଣ କେନ୍ଦ୍ର ଅଛି । ସେଥିମଧ୍ୟରୁ କିଛି ସମର୍ପିତ କିଶୋର ଟିକାକରଣ କେନ୍ଦ୍ର ରହିବ । କିନ୍ତୁ ଅନ୍ୟ ସମସ୍ତ ଟିକାକରଣ କେନ୍ଦ୍ରରେ ବି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କିଶୋର ଟିକା ନେଇପାରିବେ । ଏପରିକି ଟିକାକରଣ କେନ୍ଦ୍ରରେ ଅନସାଇଟ ସ୍ଲଟ ବୁକିଂ କରି ମଧ୍ୟ ଟିକା ନେଇପାରିବେ ୧୫ରୁ ୧୮ ବର୍ଷ ପିଲା । ସେ ଆହୁରି କହିଛନ୍ତି ଯେ ୨୦୦୫ ରୁ ୨୦୦୭ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଲାଙ୍କ ଟିକାକରଣ ପାଇଁ ପଞ୍ଜୀକରଣ କରାନ୍ତୁ ଅଭିଭାବକ । ଏବେ ରାଜ୍ୟରେ ୧୫ ଲକ୍ଷ ଡୋଜ କୋଭକ୍ସିନ ମହଜୁଦ ଅଛି । କେନ୍ଦ୍ର ସରକାର ପର୍ଯ୍ୟାପ୍ତ କୋଭକ୍ସିନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ବର୍ତମାନ ସୁଦ୍ଧା କୋୱିନ୍ ପୋର୍ଟାଲରେ ୪୫ ହଜାରରୁ ଅଧିକ ପିଲା ଟୀକାକରଣ ପାଇଁ ବୁକ କରିସାରିଛନ୍ତି ।

# କରୋନାରୁ ସୁସ୍ଥ ହେଲେ ୧୫୯

ଭୁବନେଶ୍ୱର, ୧।୧(ପି.ଏନ): ରାଜ୍ୟରେ ଆଜି ୧୫୯ ଜଣ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି । ଏଥିସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୪ ହଜାର ୯୬୨ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୬ଜଣ ଓ କଟକ ଜିଲ୍ଲାରୁ ୧୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ଆଗାମୀ ନୂତନ ବର୍ଷର ସଫଳତା ଓ ବିଫଳତା ଆମ ହାତ ମୁଠାରେ



ଗୋଟିଏ ମାତ୍ର ସଂଖ୍ୟାର ପରିବର୍ତ୍ତନରେ ପୁରା ଏକ ବର୍ଷ ବା ୩୬୫ ଦିନ ଅତିତ ଗର୍ଭକୁ ଚାଲିଯାଏ ମାତ୍ର ବିଗତ ବର୍ଷର ଅନେକ ସଂଘାତ ଓ ସଂଘର୍ଷର ଅନେକ ସ୍ମୃତି ଓ ଅନୁଭୁତି ସଦା ସର୍ବଦା ଉଙ୍କି ମାରିଉଠେ ମନ ଭିତରେ। ବିଦାୟୀ ବର୍ଷର ଅମାପ ଦୁଃଖ, କରୋନା ମହାମାରୀର କରୁଣ କାହାଣୀ ଜନ




ଜୀବନକୁ ଅଭିଶପ୍ତ କରି ଦେଇଥିଲେ ମଧ ମଣିଷ ନିଜର ଜୀବନ ଜୀବିକା ପାଇଁ ସଂଘର୍ଷ କରି ତାର ମୁକାବିଲା କରଥିଲା। ଏହା ସତ୍ତ୍ୱେ ଅନେକ ଆତ୍ମୀୟ ମାନଙ୍କୁ ଆମେ ହରାଇଛେ। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହି କରୋନାର ମୁକାବିଲା ପାଇଁ ବିଭିନ୍ନ ମାର୍ଗରୁ ସହାୟତା ରାଶିକୁ କେତେକ ଅସାମାଜିକ ବ୍ୟକ୍ତି ତଥା ରାଜନେତା ତୋଷରପାତ କରିଥିବାର ଖବର ବିଭିନ୍ନ କାଗଜରେ ପ୍ରକାଶ ପାଇ ଅନେକ ଦୁଃଖ ଦେଇଛି। ସରକାରଙ୍କ ଏପରି କାର୍ଯ୍ୟ କଳାପକୁ ନେଇ ସରକାରଙ୍କୁ ବିରୋଧିଙ୍କର ଶରବ୍ୟର ଶିକାର ହେବାକୁ ପଡିଛି।

ବିଗତ ବର୍ଷ ଅନେକ ମହାନ ବିଭୁତି ମାନଙ୍କୁ ଆମ ଗହଣରୁ ଦୁରେଇ ଯାଇଛନ୍ତି। ଏହା ସହିତ ବନ୍ୟା, ବାତ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଇତ୍ୟାଦି କୁ ନେଇ ଅନେକ ପ୍ରଶ୍ନବାଚୀ ମନରେ ଉଙ୍କିମାରି ଜନମନକୁ ଭାରାକ୍ରାନ୍ତ କରିଛି। ଏ ସବୁକୁ ଅତିତ ଗର୍ଭରେ ଠେଲି ଦେଇ ଏକ ନୁତନ ସକାଳର ସୂର୍ଯ୍ୟ ଉଦିତ ହେବାକୁ ଯାଉଛି। ଏପରି ବିଚାର କଲେ ଆମେତ ପ୍ରତ୍ୟେକ ଦିନ ନୁତନ ସକାଳକୁ ସ୍ୱାଗତ କରିଥାଉ ମାତ୍ର ଗୋଟିଏ ମାତ୍ର ସଂଖ୍ୟାର ପରିବର୍ତ୍ତନକୁ ନେଇ ଜନମାନସରେ ଯେଉଁ ନୂତନ ଭାବନା, ଉଦ୍ଦିପନା ଦେଖା ଦେଇଥାଏ ତାହା ଅତ୍ୟନ୍ତ ଅବର୍ଣ୍ଣନୀୟ। ମାନବର ସାଧନା ଭିତରେ ସଫଳତା ଲୁକ୍କାୟିତ ଅବସ୍ଥାରେ ଥାଏ। କେବଳ ବୁଦ୍ଧି କିମ୍ବା ସୁଯୋଗ ବଳରେ ନୁହେଁ, ଏକାଗ୍ରତା ଓ ଅଧ୍ୟବସାୟ ବଳରେ ସଫଳତା ହାସଲ ହୋଇଥାଏ। ଅନେକ କ୍ଷେତ୍ରରେ ସୁଯୋଗର ସଦ୍‌ବ୍ୟବହାରରେ ସଫଳତା ମିଳିଥାଏ ସତ, କିନ୍ତୁ କେତେକ କ୍ଷେତ୍ରରେ ସଫଳତା ପ୍ରାପ୍ତିପାଇଁ ସୁଯୋଗ ସୃଷ୍ଟି କରିବାକୁ ପଡିଥାଏ। ଏହା କଷ୍ଟଲବ୍ଧ ହେଲେମଧ ଏହି ସଫଳତା ଅନ୍ୟ ସଫଳତା ପାଇଁ ମାର୍ଗ ଉନ୍ମୋଚନ କରିଥାଏ। ଯଦି ସୁକ୍ଷ୍ମ ଭାବରେ ବିଚାର କରାଯାଏ ତେବେ ସଫଳତା, ବିଫଳତା ନିଜର କର୍ମଉପରେ ନିର୍ଭରଶୀଳ। ଆସନ୍ତୁ ଏହି ନୂତନ ବର୍ଷରେ ଅନ୍ୟକୁ ଇର୍ଷା ନକରି, ଅନ୍ୟର ସୁଖ ସମୃଦ୍ଧିରେ ହତୋତ୍ସାହ ନହୋଇ ସତ୍‌ମାର୍ଗରେ ଆଗେଇଯାଇ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବା ସହ ଫଳପ୍ରାପ୍ତି ଇଶ୍ୱରଙ୍କ ହାତରେ ଛାଡିଦେଲେ ଭଗବାନଙ୍କର ଅସୀମ ଆଶିର୍ବାଦ ମିଳିଥାଏ। କାରଣ କଥାରେ ଅଛି ଐଶ୍ୱରିକ ଶକ୍ତି ବଳରେ ପଂଗୁ ଗିରି ଲଂଘିପାରେ, ମୁକ ବାଚାଳ ହୁଏ, ଅସମ୍ଭବ ସମ୍ଭବ ହୁଏ। ନିଜର ଅଧ୍ୟବସାୟ ବଳରେ ନିଜର କର୍ମକୁ ନିଷ୍ଠାର ସହ ସମ୍ପାଦିତ କଲେ ସଫଳତା ଅବଶ୍ୟ ମିଳିଥାଏ।

ସର୍ବଦା ମନେରଖିବାକୁ ହେବ, ସଫଳତା ବା ବିଫଳତା ସାଧକର କର୍ମଉପରେ ପର୍ଯ୍ୟବସିତ। କର୍ମ ତୃଟିଯୁକ୍ତ ହେଲେ ଫଳ ତୃଟିପୂର୍ଣ୍ଣ ହେବା ସ୍ୱାଭାବିକ, ଏ ସମ୍ପର୍କରେ କାହାଣୀଟିଏ ମନେପଡେ। ଗୋଟିଏ ଗ୍ରାମରେ ଜଣେ ଜ୍ଞାନୀ ଓ ସରଳ ହୃଦୟର ବ୍ୟକ୍ତିଥିଲେ। ଗ୍ରାମର ଲୋକମାନେ ନିଜ ନିଜର ସମସ୍ୟାର ସରଳ ସମାଧାନ ପାଇଁ ସେହି ସିଦ୍ଧ ସାଧକ ବୃଦ୍ଧ ବ୍ୟକ୍ତିଙ୍କ ପାଖକୁ ଯାଇଥାନ୍ତି। ଥରେ ଦୁଇଜଣ ଖଳ ପ୍ରକୃତିର ଲୋକ ସେହି ସାଧୁପ୍ରତିମ ବ୍ୟକ୍ତିଙ୍କୁ ଅପଦସ୍ତ କରିବା ମନସା ନେଇ ତାଙ୍କ କହୁଥିବା କଥା ଭୁଲବୋଲି ପ୍ରମାଣିତ କରିବା ଉଦ୍ଦେଶ୍ୟ ନେଇ ଆସି ତାଙ୍କୁ ନିଜହାତ ମୁଠାରେ କୀଟ ଟିଏ ରଖି ପଚାରିଥିଲେ ହେ ମହାଭାଗ ମୋ ହାତ ମୁଠାରେ ଯେଉଁ କୀଟଟି ଅଛି ତାହା ଜୀବନ୍ତ ନା ମୃତ? ସନ୍ଥପ୍ରତିମ ବୃଦ୍ଧ ସେ ଯୁବକକୁ ନୀରିକ୍ଷଣ କରିବା ସହ କହିଲେ ହେ – ବତ୍ସ ! ମୁଁ ଯଦି କହିବି ତୁମ ହାତରେ ଜୀବନ୍ତ କୀଟଟିଏ ଅଛି ତେବେ ତୁମେ ତୁମ ମୁଠାକୁ ଚିପି ତାକୁ ମାରିଦେବ ଏବଂ ଯଦି ମୁଁ କହେ ଏହା ମୃତ ତୁମେ ହାତ ଖୋଲି ଦେଖାଇ ଦାବ ଏହା ଜୀବନ୍ତ। ପରୋକ୍ଷରେ ବୃଦ୍ଧ ଜଣକ ଇଙ୍ଗିତର ସୁଚାଇ ଦେଇଥିଲେ ମୋକଥାକୁ ସତ୍ୟ ବା ମିଥ୍ୟା ପ୍ରମାଣିତ କରିବା ତୁମ ଉପରେ ନ୍ୟସ୍ତ। କାରଣ ବର୍ତ୍ତମାନ ସଫଳଥା ଓ ବିଫଳତା ତୁମ ହାତ ମୁଠାରେ। ତେଣୁ ଆଜିର ଉଦିତ ହେବାକୁ ଯାଉଥିବା ଏହି ନୁତନ ସଖାଳରେ ନିଜର ସଫଳତା ଓ ବିଫଳତାକୁ ପରଖିବା ପାଇଁ କଠୋର ସାଧନା, ନିଷ୍ଠା,ଅଧ୍ୟବସାୟ ଦରକାର। ତୃଟି ପୂର୍ଣ୍ଣ ଚେଷ୍ଟାରେ ବିଫଳତା ଓ ନିଷ୍ଠାପୁର୍ଣ୍ଣ ସାଧନାରେ ସଫଳତା ମିଳିଥାଏ। ବିଡମ୍ବନାର ବିଷୟ ଆଜି ଆମେ ସମସ୍ତେ ନିଜର କର୍ମକୁ ଭୂଲିଯାଇ ଅନ୍ୟ ପ୍ରତି ଇର୍ଷାପରାୟଣ ହେବାରେ ଲାଗିଛୁ ତେଣୁ ଆଜିର ଏ ନୁତନ ବର୍ଷର ଆଗମନ ଆପଣଙ୍କ ମନରେ ସତ୍ ଚିନ୍ତା, ସତ ଭାବନା ଜାଗ୍ରତ କରି ଇଶ୍ୱରାଭିମୁଖି କରାଉ ଏତିକି ଜଗନ୍ନାଥ ଙ୍କ ନିକଟରେ ପ୍ରାର୍ଥନା।

**ଉମାଶଙ୍କର ପ୍ରସାଦ**, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

# କରୋନା ଅର୍ଥନୀତିରେ ବ୍ୟାଙ୍କ ବଦନାମ

କରୋନା ମହାମାରୀରେ ବିଶ୍ୱ ଅର୍ଥନୀତି ଏକ ପ୍ରକାର ଦୋହଲି ଯାଇଛି। ଭାରତୀୟ ଅର୍ଥନୀତି ମଧ ଏହାର ଶିକାର ହୋଇଛି। ତେଣୁ ଏପରି କ୍ଷେତ୍ରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଚାହୁଁଛନ୍ତି ଯେ ବ୍ୟାଙ୍କମାନେ ସଶକ୍ତ ହୁଅନ୍ତୁ ଓ ଲୋକମାନଙ୍କର ପୂର୍ବ ଭରଷା ଓ ଆସ୍ଥା ବ୍ୟାଙ୍କ ଉପରେ ରହୁ। ଭାରତରେ ଅନେକ ବ୍ୟାଙ୍କ ସରକାରୀ ସହାୟତାରେ ଆଜି ବେଶ ପ୍ରତିଷ୍ଠା ଲାଭ କରିଛନ୍ତି ଏବଂ ଭାରତୀୟ ଅର୍ଥନୀତି ଏହାଦ୍ୱାରା ଆଗକୁ ଚାଲିଛି। ଏହା କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ ସରକାରର ଏକ ବଡ଼ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତରେ ଥିବା ବିଭିନ୍ନ ବ୍ୟାଙ୍କ ଭିତରୁ ଅନ୍ୟତମ ବୃହତ୍ ରାଷ୍ଟ୍ରାୟତ ବ୍ୟାଙ୍କ ହେଉଛି ପଞ୍ଜାବ ନେସନାଲ ବ୍ୟାଙ୍କ। ଏହାର ଗୋଟିଏ ଶାଖା ଓଡ଼ିଶାରେ ଅଛି। କିଛି ଅସାଧୁ ଅଫିସରଙ୍କ ପାଇଁ ବ୍ୟାଙ୍କ ବଦନାମ। କିଛି ଦିନ ପୂର୍ବରୁ ପ୍ରଧାନ ମନ୍ତ୍ରୀ ଘୋଷଣା କରିଥିଲେ କିଛି ବ୍ୟାଙ୍କ କିଛି ବ୍ୟାଙ୍କ ସହ ମିଶିବା ପାଇଁ। କିଛି ବ୍ୟାଙ୍କ ଦିୱାଲା ଅବସ୍ଥାରେ ଥିଲା। ତା ମଧ୍ୟରୁ ଓ.ବି.ସି. ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସ୍ଥା ଏହିପରି ଥିଲା। ଏହି ଦୁଇ ବ୍ୟାଙ୍କକୁ ପଞ୍ଜାବ ନେସନାଲ ବ୍ୟାଙ୍କ ଟେକ୍‌ଓଭର କଲା। ଦୁଃଖର ବିଷୟ ଏହିକି ଯେ ଯେଉଁ ଅଫିସର ଏହି ଦୁଇ ବ୍ୟାଙ୍କକୁ ବୁଡ଼ାଇକି ଆସିଥିଲେ ଏମାନେ ଶପଥ ନେଇଛନ୍ତି କି ପଞ୍ଜାବ ନେସନାଲ ବ୍ୟାଙ୍କକୁ ମଧ ବୁଡ଼ାଇବେ। ଉଦାହରଣ ସ୍ୱରୂପ ଓଡ଼ିଶା ରାଜ୍ୟରେ ଏକ ହେଡ ଅଫିସ ଜାଗମରାରେ ପଞ୍ଜାବ ନେସନାଲ ବ୍ୟାଙ୍କ ଯୋନାଲ ଅଫିସ ଅବସ୍ଥିତ। ଏହି ବ୍ୟାଙ୍କରେ ଜଣେ ବହୁତ ନାମୀଦାମୀ ଅଫିସର ତାଙ୍କର ନାମ ହେଉଛି ପାର୍ଥସାରଥି ମିଶ୍ର। ସେ ଶପଥ ନେଇଛନ୍ତି ପଞ୍ଜାବ ନେସନାଲ ବ୍ୟାଙ୍କକୁ ବୁଡ଼ାଇବା ପାଇଁ। ଏହି ଅଫିସରଙ୍କ ନାମରେ ଚୌଦ୍ୱାର ଥାନାରେ ଠକାମି, ୪୨୦, କେଶ ମନୋରଞ୍ଜନ ସିଂ ନାମକ ଏକ ବ୍ୟକ୍ତି କରିଥିଲେ। ମିଶ୍ର ବାବୁ ତାଙ୍କୁ ବହୁତ ଭଲ ଭଲ କଥା କହି ଠକିଦେଇଥିଲେ। ମିଶ୍ରବାବୁ ଭୁବନେଶ୍ୱରରେ ମରିଯାଇଥିବା ଜଣେ ବ୍ୟକ୍ତି ପ୍ରେମାନନ୍ଦ ମହାନ୍ତିଙ୍କ ଜାଗାକୁ ନିଲାମ କରିଥିଲେ। ପ୍ରେମାନନ୍ଦ ମହାନ୍ତି ବଞ୍ଚିଥିବା ଅବସ୍ଥାରେ କୋର୍ଟ ତାଙ୍କୁ ଅର୍ଡ଼ର ଦେଇଥିଲେ ତାଙ୍କର ନିଲାମ ଟଙ୍କା ଡିପୋଜିଟ କରିବା ପାଇଁ ଏବଂ ସେ କୋର୍ଟ ଅର୍ଡ଼ରକୁ ମାନି ଟଙ୍କା ଡିପୋଜିଟ କରିଥିଲେ। ପ୍ରେମାନନ୍ଦ ମହାନ୍ତି ଟଙ୍କା ଡିପୋଜିଟ କରିଥିଲେ ମଧ ମିଶ୍ରବାବୁ ଏ ଅର୍ଡ଼ର ନ ମାନି ତାଙ୍କ ଜମିକୁ ବାରମ୍ବାର ନିଲାମ କରି ଚାଲିଥିଲେ। ମିଶ୍ରବାବୁଙ୍କ ଦାଦାଗିରି ଏତେ ମଜଭୁତ ଯେ ସେ ସବୁବେଳେ କୁହନ୍ତି ଆମ ଓ.ବି.ସି. ବ୍ୟାଙ୍କର ଲୋକ ଯିଏକି ବର୍ତ୍ତମାନ ପଞ୍ଜାବ ନେସନାଲ ବ୍ୟାଙ୍କର ଚେୟାରମ୍ୟାନ ଏବଂ ସେ ମୋର ବହୁତ ନିକଟତର ଲୋକ।

ଏହି ପ୍ରସଙ୍ଗରେ ସାଧାରଣରେ ପ୍ରଶ୍ନ ଉଠିବ ଯେ କର୍ତ୍ତୃପକ୍ଷଙ୍କ ପାଖରେ ନିଶ୍ଚୟ ଉଚ୍ଚ ପଦାଧିକାରୀ ଥିବେ ଯିଏ କି ଗ୍ରାହକ ଓ ବ୍ୟାଙ୍କର କୌଣସି ଦୁର୍ଦ୍ଦଶାକୁ ସାମ୍ନା କରୁଥିବା ବ୍ୟକ୍ତିଙ୍କ ଠାରୁ ଅଭିଯୋଗ ଗ୍ରହଣ କରି ସହାୟତା କରିବେ। ଏହା ସମ୍ପୂର୍ଣ୍ଣ ଠିକ୍ କଥା। ଆସନ୍ତୁ ଭଲ ଭାବେ ଜାଣିବା ବାସ୍ତବରେ ଏହାର ଅନ୍ୟତମ ମୁଖ୍ୟ ବ୍ୟବସ୍ଥାପକଙ୍କ ଲୋକମାନଙ୍କ ପ୍ରତି ଆଚାର ବ୍ୟବହାର। ଓଡ଼ିଶାର ଯିଏ ଜୋନାଲ ଜେନେରାଲ ମ୍ୟାନେଜର ଅଛନ୍ତି ଯାହାଙ୍କୁ ସମସ୍ତେ ଭରଦ୍ୱାଜ ବାବୁ ବୋଲି ଜାଣନ୍ତି, ସେ ମୋର ଡାହାଣ ହାତର ଲୋକ। ମୁଁ ତାଙ୍କ ପାଇଁ ସବୁ ପ୍ରକାର ସୁବିଧା ଏବଂ ଅସୁବିଧା ବୁଝେ। ସେଥିପାଇଁ ମୁଁ ତାଙ୍କର ଗେହ୍ଲାପୁଅ ପରି। ମିଶ୍ରବାବୁ କୁହନ୍ତି ଆପଣ ଭୁଲିଯାଉଛନ୍ତି କି, ଆପଣମାନେ ଯେତେବେଳେ ଲୋନ୍ ନେବାକୁ ଆସନ୍ତି ବ୍ୟାଙ୍କ ମ୍ୟାନେଜରମାନଙ୍କୁ ପକେଟ ଖର୍ଚ୍ଚ ଦେବାକୁ ପଡ଼େ। ସେହିପରି ଯେତେବେଳେ ଓ.ଟି.ଏସ୍ ହୁଏ ଆପଣମାନଙ୍କୁ ଆମକୁ ଖର୍ଚ୍ଚ ଦେବାକୁ ପଡ଼ିବ। ସେହି ଖର୍ଚ୍ଚଟି ଆମ୍ଭେମାନେ ତଳୁ ଉପର ଅଫିସର ପର୍ଯ୍ୟନ୍ତ ବାଣ୍ଟିକରି ନେଉ। ରିକୋଭରି ନାମରେ ଗୁଣ୍ଡାରାଜ ଚଳାଇଛନ୍ତି। ତାଙ୍କୁ ଭରଦ୍ୱାଜ ବାବୁଙ୍କର ପୁରା ସମର୍ଥନ ଅଛି। ଯାହାଦ୍ୱାରା ସେ ତାଙ୍କ ଗ୍ରାହକମାନଙ୍କୁ ହଇରାଣ କରିବାକୁ ଚାହାଁନ୍ତି ଓ କରିଛନ୍ତି ମଧ। ଯାହାଙ୍କ ନାମରେ ଏତେ ପ୍ରକାର କେଶ ଥାଇ ସେହିଭଳି ଲୋକଙ୍କୁ ଏମିତି ଗୁରୁ ଦାୟିତ୍ୱରେ ବସାଇଛନ୍ତି। ବ୍ୟାଙ୍କର କେତେ ଲାଭ ଓ କେତେ କ୍ଷତି ହେଉଥିବ ତାହା ବ୍ୟାଙ୍କକୁ ଜଣା। ମିଶ୍ରବାବୁଙ୍କର ଦାଦାଗିରି ପାଇଁ କୃଷିଲୋନ ଓ.ଟି.ଏସ୍ ହୋଇପାରୁ ନାହିଁ, ଇଣ୍ଡଷ୍ଟ୍ରିଆଲିଷ୍ଟି ଲୋନ ଓ.ଟି.ଏସ୍ କରାଯାଉନାହିଁ। ମିଶ୍ରବାବୁ ତାଙ୍କ ହାତରେ ଗୋଟିଏ ଦଲାଲ୍ ଗ୍ୟାଙ୍ଗକୁ ରଖିଛନ୍ତି। ଯେଉଁ ଦଲାଲମାନେ ଆପଣଙ୍କ ସମ୍ପତ୍ତିକୁ କମ ଦାମରେ କିଣି ଅନ୍ୟ ଲୋକଙ୍କୁ ଚଢ଼ା ଦାମରେ ବିକିଦେବେ। ମିଶ୍ରବାବୁ ଏହିପରି ବିଭିନ୍ନ ପ୍ରକାର କମ୍ପାନୀ ସହ ଜଡ଼ିତ ଅଛନ୍ତି। ଯଥା ପ୍ରମାଣସ୍ୱରୂପ ରାୟପୁରର ଶ୍ରୀରାମ ଏଣ୍ଟରପ୍ରାଇଜେସ୍ ମାଲିକ ନାମ - ଲାଲୁଆନି ବାବୁ ଓ ମିଶ୍ରବାବୁ ମିଶିକରି ବିହାରରେ ଥିବା ଏକ ମଦ କମ୍ପାନୀର ଏଗାର କୋଟି ଟଙ୍କା ଟାଙ୍କିକୁ ଦଶ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଛନ୍ତି। ଏମିତି ବହୁତ ଗ୍ରାହକ ଅଛନ୍ତି ଯାହାଙ୍କ ସହିତ ମିଶ୍ରବାବୁ ଏହିପରି ଠକାମି କରିଛନ୍ତି। ସମସ୍ତେ ସବୁ ଜାଣିଲା ପରେ ମଧ କେହି ମୁହଁ ଖୋଲି ପାରୁନାହାଁନ୍ତି। କାରଣ ସେ ତାଙ୍କ ଅଫିସରେ ଏକ ନୂଆ କୋଠାଘରକୁ ଡାକି ଧମକ ଦିଅନ୍ତି ଓ କୁହନ୍ତି ଦେଖୁଛନ୍ତି ଆମର ଏ କୋଠାଘରେ କାମ କରୁଥିବା କେତେ କର୍ମଚାରୀ ଅଛନ୍ତି। ଆମ୍ଭେମାନେ ସମସ୍ତେ ମିଶିକରି ତୁମ ନାମରେ ମିଥ୍ୟା ଅଭିଯୋଗ କରିବୁ। ମିଶ୍ରବାବୁଙ୍କର ଏହିପରି ଆଉ ଏକ କଥା ଅଛି, ଭୁବନେଶ୍ୱରର ବି.ଜେ.ପି. ନଗରର ଇଲେକ୍ଟ୍ରିକ ଷ୍ଟେସନ ପାଖରେ କୋଡିଏ ହଜାର ସ୍କୋୟାରଫୁଟ ଜାଗାରେ କିଛି ଗରୀବ ଆଦିବାସୀ ଲୋକ ବସବାସ କରୁଥିଲେ। ମିଶ୍ରବାବୁ କିଛି ଦଲାଲଙ୍କ ସାଙ୍ଗରେ ମିଶି ବହୁତ ଶସ୍ତା ଦାମରେ ସେ ଜାଗାକୁ ବିକ୍ରି କରିଦେଇଛନ୍ତି ଯାହାଦ୍ୱାରା କି ବ୍ୟାଙ୍କକୁ ବହୁମାତ୍ରାରେ କ୍ଷତି ସହିବାକୁ ପଡ଼ିଛି। ମିଶ୍ରବାବୁ ବ୍ୟାଙ୍କର କିଛି ଗାଇଡ଼ଲାଇନ ନ ମାନି ତାଙ୍କ ମନଇଛା କାମ କରୁଛନ୍ତି। ଗରୀବ ନିରୀହ ଲୋକମାନଙ୍କୁ ହଇରାଣ କରୁଛନ୍ତି ଏବଂ ତାଙ୍କ ନିଜ ସ୍ୱାର୍ଥ ପାଇଁ ପଛଘୁଞ୍ଚା ଦେଉନାହାନ୍ତି। ଓ.ଟି.ଏସ୍. ନକଲେ ଧମକ ଦେଉଛନ୍ତି ଆମ ହାତରେ ସି.ବି.ଆଇ., ଇ.ଓ.ଡବ୍ଲୁ ଓ କୋର୍ଟ ଅଛି। ଆମେ ତୁମ ନାମରେ ଏତଲା ଦେବୁ। ଆମ୍ଭେମାନେ ଅନୁରୋଧ କରୁଛୁ କି ବ୍ୟାଙ୍କର ବଡ଼ ବଡ଼ ଅଫିସରମାନେ ଏହାର ଗୋଟିଏ ପୁଙ୍ଖାନୁପୁଙ୍ଖ ତଦନ୍ତ କରନ୍ତୁ ଓ ନ୍ୟାୟ ପ୍ରଦାନ କରନ୍ତୁ। ସେମାନଙ୍କର ଏହିପରି ଅଭ୍ୟାସ ରହିଲେ ସେମାନେ ଓ.ବି.ସି., ୟୁନାଇଟେଡ ବ୍ୟାଙ୍କ ପରି ପଞ୍ଜାବ ନେସନାଲ ବ୍ୟାଙ୍କକୁ ମଧ ବୁଡ଼ାଇ ଦେବେ। ଗରୀବ ଓ ହିତାଧିକାରୀ ମାନଙ୍କୁ ନ୍ୟାୟ ଦିଅନ୍ତୁ ନଚେତ ଆମ୍ଭେ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ। ଭାରତୀୟ ଅର୍ଥନୀତିରେ ଜନତାଙ୍କ ସହଯୋଗୀତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏ ସବୁ କ୍ଷେତ୍ରରେ ବ୍ୟାଙ୍କ ମାନଙ୍କ ସହଯୋଗ ମଧ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏକ ଦେଶର ଏବଂ ଏକ ଜାତିର ଉନ୍ନତିରେ ବ୍ୟାଙ୍କର ସହଯୋଗ, ପୃଷ୍ଠପୋଷକତା ଓ ପ୍ରୋତ୍ସାହନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ସରକାର ନିଜ ତଦନ୍ତକାରୀ ସଂସ୍ଥା ଦ୍ୱାରା ନିରପେକ୍ଷ ତଦନ୍ତ କରି ଲୋକମାନଙ୍କର ବ୍ୟାଙ୍କ ପାଖରେ ଯେଉଁ ବିଶ୍ୱସନୀୟତା ଥିଲା ତାହାକୁ ବଜାୟ ରଖନ୍ତୁ। କାରଣ କୌଣସି ଏକ ବ୍ୟାଙ୍କ ପାଇଁ ଜାତୀୟ ଅର୍ଥନୀତି ବିପଦଗ୍ରସ୍ତ ନହୁଏ ଏ କ୍ଷେତ୍ରରେ ସରକାର କାଳବିଳମ୍ବ ନକରି ଲୋକମାନଙ୍କ ଅର୍ଥନୀତିକୁ ଆହୁରି ଦୃଢ଼ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ।

**ରବି ସିଂ**, ଆଇନଜିବୀ, ପ୍ଲଟ ନଂ-୫୫୭, ୟୁନିଟ ନଂ-୨୯, ଲୁଇସ ରୋଡ୍, ଭୁବନେଶ୍ୱର, ଖୋର୍ଦ୍ଧା, ଦୂରଭାଷ: ୭୦୭୭୭୨୯୩୪୭

# ବସ୍ତିକୁ ଅଣଦେଖା କରି ରାଉରକେଲା ସ୍ମାର୍ଟସିଟି ଗଠନ ଏକ ଅବାନ୍ତର ପରିକଳ୍ପନା



ରାଉରକେଲା (ପିଏନ୍): ସମ୍ପ୍ରତି ରାଉରକେଲାକୁ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ତେବେ ରାଉରକେଲା ମହାନଗର ନିଗମର ପ୍ରାୟ ଅର୍ଦ୍ଧାଧିକ ଅଞ୍ଚଳ ବସ୍ତି ଅଧୁଷିତ ହୋଇଥିବାରୁ ବସ୍ତି ଓ ବସ୍ତି ବାସିନ୍ଦାମାନଙ୍କୁ ଅବହେଳା କରି ରାଉରକେଲାକୁ ସ୍ମାର୍ଟସିଟିରେ ପରିଣତ କରିବା ଏକ ଅବାନ୍ତର ପରିକଳ୍ପନା ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଗତ ୧୯ ତାରିଖରେ ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି ୱାର୍ଡ ନମ୍ବର ୧୧ର ଅମରନାଥ ବସ୍ତି, କ୍ଷେତି ବସ୍ତି ଓ ମସଜିଦ୍ ଗଳି ବୁଲି ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରିବା ସହିତ ବସ୍ତିବାସୀଙ୍କୁ ଭେଟି ଆଲୋଚନା କରିଥିଲେ । ବସ୍ତିରେ ନିର୍ମିତ ରାସ୍ତା ଭୁଷୁଡି ପଡିଥିବା ବେଳେ ତାର ମରାମତି ହେଉନଥିବା ଦେଖିଥିଲେ । ଆବଶ୍ୟକୀୟ ବିଦ୍ୟୁତ୍ ଖୁଣ୍ଟ ନ ଥିବାରୁ ଗୋଟିଏ ଗୋଟିଏ ଖୁଣ୍ଟରୁ ଶତାଧିକ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ଦେଖିଥିଲେ । ସେହିପରି ଆବଶ୍ୟକୀୟ ରାସ୍ତା ଆଲୋକ ନଥିବାରୁ ବସ୍ତିର ଆଭ୍ୟନ୍ତରୀଣ ଅଞ୍ଚଳ ଅନ୍ଧାର ରହୁଥିବା ଲୋକେ ଅଭିଯୋଗ କରିଥିଲେ । କ୍ଷେତି ବସ୍ତିରେ ନିର୍ମାଣାଧିନ ନାଳି ଉପରେ ସ୍ଲାବ୍ ପକାଯାଉନଥିବା ଓ ନାଳିକୁ ଅଧାରେ ଛାଡି ଦିଆଯାଇଥିବା ଦେଖିଥିଲେ । ଅନୁରୂପ ଭାବେ ବସ୍ତିର ଆଭ୍ୟ'ରୀଣ ଅଞ୍ଚଳରେ କଂକ୍ରିଟ୍ ରାସ୍ତା ଓ ନାଳି ନଥିବାରୁ ବସ୍ତିବାସୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ । ୱାର୍ଡ ନମ୍ବର ୧୩ର ଗୋପବନ୍ଧୁପାଲ୍ଲୀ, ଲୋହରା ବସ୍ତି ଓ ଆଦିବାସୀପଡା ଅଞ୍ଚଳ ଶ୍ରୀ ସେନାପତିଙ୍କ ସମେତ କଂଗ୍ରେସ କର୍ମକର୍ତ୍ତାମାନେ ବୁଲି ଲୋକଙ୍କ ସହିତ ଆଲୋଚନା କରିଥିଲେ । ଲୋହରା ବସ୍ତି ଦୀର୍ଘବର୍ଷ ତଳେ ଜିଲ୍ଲା ପରିଷଦ ତରଫରୁ ବିଆର୍‌ଜିଏଫ୍ ସ୍କିମ୍‌ରେ ନିର୍ମିତ ଶୌଚାଳୟରେ ତାଲା ଝୁଲୁଥିବା ଦେଖିଥିଲେ । ଉକ୍ତ ଅଞ୍ଚଳରେ ବସବାସ କରୁଥିବା ସମସ୍ତ ଗରିବ ଶ୍ରେଣୀ ଲୋକଙ୍କୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ନିର୍ମାଣ ପାଇଁ ସହାୟତା ମିଳିନଥିବାରୁ ଅନେକ ଗରିବ ଲୋକ ନିକଟସ୍ଥ ପାହାଡକୁ ଶୌଚ ପାଇଁ ବ୍ୟବହାର କରୁଥିବା କହିଥିଲେ । ସେହିପରି ଉକ୍ତ ଅଞ୍ଚଳରେ ନାଳି ସଫେଇ ହେଉନଥିବା ବେଳେ ଆବଶ୍ୟକୀୟ ନାଳି ନିର୍ମାଣ କରାଯାଉ ନଥିବା ବସ୍ତିବାସୀ ଅଭିଯୋଗ କରିଥିଲେ । ଗତ କିଛିଦିନ ତଳେ ଆଦିବାସୀପଡାରେ ନିର୍ମିତ ମାଇକ୍ରୋ ଆକ୍ଟିଭିଟି ସେଣ୍ଟରର ନିମ୍ନମାନର କାମ ଯୋଗୁଁ ଲଗାଯାଇଥିବା ଫାଟକ ଭୁଷୁଡି ପଡିଥିବା ଦେଖିଥିଲେ । ତେବେ ସମସ୍ତ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ଜଳ ଯୋଗାଣ ସଠିକ୍ ଭାବେ ହେଉନଥିବାରୁ ପାନୀୟ ଜଳ ସଂକଟ ଲାଗି ରହୁଥିବା ଲୋକେ ଅଭିଯୋଗ କରିଥିଲେ । ଭତ୍ତାଧାରୀ ବୁଢାବୁଢି ଓ ବିଧବାମାନେ ସମ୍ପ୍ରତି ବ୍ୟାଙ୍କ ଜରିଆରେ ଭତ୍ତା ପେମେଣ୍ଟ ହେଉଥିବାରୁ ଠିକ୍ ସମୟରେ ବ୍ୟାଙ୍କକୁ ଅର୍ଥରାଶି ନ ଆସିବା ଦ୍ୱାରା ବାରମ୍ବାର ବ୍ୟାଙ୍କ ଦୌଡି ହଇରାଣ ହେବା ସହିତ ଖର୍ଚ୍ଚା' ହେଉଛି ବୋଲି କହିଥିଲେ । ତେବେ ଏସବୁ ସମସ୍ୟା ପ୍ରତି ଆର୍‌ଏମ୍‌ସି, ପିଏଚ୍‌ଇଡି, ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ତରଫରୁ ଦାବି କରାଯିବ ବୋଲି ଶ୍ରୀ ସେନାପତି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ସହିତ ଏହି ଗସ୍ତ କାଳରେ ଜିଲ୍ଲା କଂଗ୍ରେସର ବିପିନ ଠାକୁର, ଦିଲ୍ଲୀପ ଜେନା, ସେଖ ସମୀର, ସାରଦା ପ୍ରସନ୍ନ ଦାସ, ଇଂ.ଚନ୍ଦନ ସାହୁ, ରାଜୁ ପ୍ରସାଦ, ବିବେକ ସାହୁ, ପପୁ ଖାନ, ନିର୍ମଳା ମହାପାତ୍ର, ରବି ଯାଦବ, ବିକାଶ ପ୍ରସାଦ ଓ ମହମ୍ମଦ ଉମରଙ୍କ ସମେତ ଅନେକ ଦଳୀୟ କର୍ମୀ ସାମିଲ୍ ହୋଇଥିଲେ ବୋଲି ଜିଲ୍ଲା କଂଗ୍ରେସ ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ଅପେକ୍ଷା : ଭିନ୍ନ ଏକ ସ୍ୱାଦର ସକାଳ

**ବିପିନ ବିହାରୀ ମହାନ୍ତି**



The old order changes
Yielding place to new
And God fulfils Himself
In many ways.
Pray for my soul
More things are wrought by prayer
Than this world dreams of

: King Arthur

ଦେଖ, କେତେ ଆବର୍ଜନା
ଜମିଗଲାଣି ଏ ପୃଥ୍ୱୀରେ;
କେମିତି ଅଣ ନିଶ୍ୱାସୀ ଲାଗିଲାଣି
ପ୍ରବହମାନ ଏକ ପୁରୁଣା ଢ଼ାଂଚାରେ ॥
ମାଟି-ପାଣି-ପବନ-ପ୍ରକୃତିକୁ ଦେଖ
କେମିତିକା ଦିନୁ ଦିନ
ପ୍ରଦୂଷଣେ ପାଲଟେ ବିଷାକ୍ତ
ଅପବିତ୍ର ଦେହମନ ଧରି
ସମାଜ ଓ ରାଜନୀତି କେତେ କଳୁଷିତ ॥
ସଂଗ୍ରାମ ଚାଲିଛି ଅବିରତ
ହେଲେ ଏଠି ଖାଲଖମା ମୋଟେ ପୋତେ ନାହିଁ
ସୀମାହୀନ ପ୍ରଗତିରେ ଖାଲି ଦ୍ୱନ୍ଦ୍ୱ
ନୀତିଭ୍ରଷ୍ଟ ମଣିଷର ଆଶା ପାଇଁ ବାଡ଼ବତା ନାହିଁ ॥
ଶୀତଳ ଯୁଦ୍ଧର ସ୍ରୋତ ବହେ ଏଠି ଅନବ୍ରତ
ମହାଯୁଦ୍ଧ ସଂଚରିବ ନିଶ୍ଚେ
ଯେବେ ଏହା ହେବ ବିସ୍ଫୋରିତ;
ନତୁବା ପ୍ରକୃତିକୁ ଅତ୍ୟାଚାରେ
ନିଶ୍ଚେ ମାଡ଼ି ଆସିବ ପ୍ରଳୟ
ମଣିଷକି ଲୁପ୍ତ ହେବ (?)
ଆମେ ସତେ କେଡ଼େ ଅସହାୟ !
ଏଠି ଆଉ ମଣିଷକୁ ମଣିଷର
ବଂଚାଇବାରେ ନାହିଁ
ଈଶ୍ୱର ଚାହିଁଲେ ଏକା
କେବଳ ସମ୍ଭବ ॥
ଅଗତ୍ୟା ଆଉ କିଛି ଉପାୟ ନାହିଁ
ଅର୍ଜିତ କର୍ମଫଳରୁ ନିସ୍ତାରକୁ ବାଟ ଆଉ କାହିଁ ?
ଆସ ହୃଦ ସହ ହୃଦ ଦେଇ
ହାତ ଯୋଡ଼ିଦେବା
ଆଉ ଏ ବିଶ୍ୱ ମଙ୍ଗଳପାଇଁ
ତାଙ୍କଠିଁ ଦୁଃଖ ଜଣାଇବା
ଏବଂ ଭିନ୍ନ ଏକ ସ୍ୱାଦର ସକାଳକୁ
ଅପେକ୍ଷା କରିବା ।

*-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର,ଜଟଣୀ, ଖୋର୍ଦ୍ଧା, ମୋ-୯୯୩୮୩୪୪୧୩୮*

# ୪୨ମୌଜା ବିକାଶ ପରିଷଦର ନିଃଶୁଳ୍କ ଟେଷ୍ଟପେପର୍ ବଂଟନ




ଗୋପାଳପୁର (ପିଏନ୍): ୪୨ମୌଜାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବୟାଳିଶମୌଜା ବିକାଶ ପରିଷଦ ତରଫରୁ ବେଂଟକାର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପରିଷଦର ସଭାପତି ଆଡ୍‌ଭୋକେଟ୍ କେଶବ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଧା ପ୍ରୋତ୍ସାହନ ଉତ୍ସବ ଜରିଆରେ ନିଃଶୁଳ୍କ ଟେଷ୍ଟପେପର୍ ବଂଟନ କରାଯାଇଛି । ପ୍ରାରମ୍ଭରେ ପରିଷଦ ତରଫରୁ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯିବା ସହିତ ହେଲିକ୍ୟାପ୍ଟର ଦୁର୍ଘଟଣାରେ ସହିଦ୍ ହୋଇଥିବା ଯବାନ ଓ ତିନିବାହିନୀ ସୁରକ୍ଷା କମିଟିର ମୁଖ୍ୟ ବିପିନ୍ ରାଓ୍ୱତ ଓ ତାଙ୍କ ଧର୍ମପତ୍ନୀଙ୍କ ବିୟୋଗରେ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କ ଗହଣରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବିକାଶ ପରିଷଦ ତରଫରୁ ବେଂଟକାର ଛକ ଠାରେ ଥିବା ଭୂତପୂର୍ବ ସରପଂଚ ଗଗନ ବିହାରୀ ମହାନ୍ତି ଓ ଡଃ ବି ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ପରିଷଦର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପତି ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦର ଉପନିର୍ଦ୍ଦେଶକ ସପନ କୁମାର ଜେନା ଯୋଗଦାନ କରିବା ସହିତ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ପ୍ରବଚକ, ସ୍ତମ୍ଭକାର , ଦିବ୍ୟଲୋକ ସଂଧାନେ ପତ୍ରିକାର ସମ୍ପାଦକ ଇଂ ସନ୍ୟାସୀ ପଣ୍ଡା ଯୋଗଦାନ କରିଥିଲେ । ସମ୍ମାନନୀୟ ଅତିଥି ଭାବରେ ବେଂଟକାର ନୋଡାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ ପାଗଲ ଉପସ୍ଥିତ ରହି ଆସନ୍ତାକାଲିର ଭବିଷ୍ୟତ ଥିବା ଛାତ୍ରଛାତ୍ରୀମାନଙ୍କୁ ବହୁ ଉପଦେଶ ଓ ଉଚ୍ଚଶିକ୍ଷା ଗ୍ରହଣ ପାଇଁ ଉଚିତ୍ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ପରିଷଦର ସଭ୍ୟ ସୁବାଷ କୁମାର ସାହୁ ସମସ୍ତ ଛାତ୍ରଛାତ୍ରୀ ଓ ଅତିଥିମାନଙ୍କୁ ସାନିଟାଇଜେସନ୍ କରିବା ସହିତ ମାସ୍କ ବଂଟନ କରିଥିଲେ । ପରିଷଦ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗୌତମ ପରିଡା , ଉପଦେଷ୍ଟା ପ୍ରମୋଦ କୁମାର ମହାପାତ୍ର, ସ୍ୱାଧିନଶେଖର ଷଡ଼ଙ୍ଗୀ, ଧିରେନ୍ଦ୍ର ବେହେରା, ଡଃ ସେକ୍ କଲିମୁଲ୍ଲା, କୋଷାଧ୍ୟକ୍ଷ ଭଜକୃଷ୍ଣ ଲେଙ୍କା, ସୁରେଶ ଦେବତା, ନିକୁଞ୍ଜ ସ୍ୱାଇଁ, ହେମନ୍ତ କୁମାର ପାତ୍ର, ଅଶୋକ କୁମାର ତ୍ରିପାଠୀ, ଦିପ୍ତିରଂଜନ ଶତପଥି, ବିଶ୍ୱଜିତ୍ ପାଣି, ଦିନବନ୍ଧୁ ସାମଲ, ସୁଜନ ରାଉତ, ସାଗର କାନୁନ୍‌ଗୋ, ବୁଲେଇ ବେହେରା, ବିକ୍ରମ କିଶୋର ପତି, ସଂଗ୍ରାମକିଶୋର ପତି, ପ୍ରସନ୍ନ ଦଳାଇ, ସ୍ୱାର୍ଥମୁକ୍ତି ସେଠୀ, ସନ୍ତୋଷ ସାହୁ, ଦେବେନ୍ଦ୍ର ତ୍ରିପାଠୀ, ଜଗବନ୍ଧୁ ସ୍ୱାଇଁ, ଚନ୍ଦନ ପ୍ରଧାନ, ଅଶୋକ ମୁଦୁଲି, ଶୁକଦେବ ମହାରଣା. ରବିନ୍ଦ୍ର ଦେବତା, ତ୍ରିଲୋଚନ ସ୍ୱାଇଁ, ସୁଶାନ୍ତ ନାୟକ, ଅଧ୍ୟାପକ ବିଜୟ କୁମାର ଦାଶ, ସ୍ମୃତିଧର ପତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପରିଷଦର ଉପଦେଷ୍ଟା ଇଂ ଅଶୋକ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବ କଂଗ୍ରେସର ଜିଲ୍ଲାସ୍ତରୀୟ ସାଂଗଠନିକ ସମୀକ୍ଷା

ଭୁବନେଶ୍ୱର (ପିଏନ୍): ଆସନ୍ତା ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଷ୍ଟ୍ରୀୟ ଯୁବ କଂଗ୍ରେସ ନେତୃବର୍ଗଙ୍କ ଆହ୍ୱାନ କ୍ରମେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା ପାଇଁ ଅଂଟା ଭିଡିଛି। ଏହି ଅବସରରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କା ଓ ପ୍ରଭାରୀ ରିୟାଜୁଲ ଅନସାରୀ ରାଜ୍ୟର ୫ ଜିଲ୍ଲା ଗସ୍ତ କରି କର୍ମୀଙ୍କ ମନୋବଳ ବଢ଼ାଇବା ସହ ତୃଣମୂଳ ସ୍ତରରେ ଦଳର ସାଂଗଠନିକ କାର୍ଯ୍ୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାଳରେ ଡିସେମ୍ବର ୧୯ରେ ବରଗଡ଼, ୨୦ରେ ସୋନପୁର, ୨୧ରେ କଳାହାଣ୍ଡି, ୨୨ରେ କୋରାପୁଟ ଓ ୨୩ରେ ମାଲକାନଗିରି ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତି, ତୈଳ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିରେ ଅତିଷ୍ଠ ସାଧାରଣ ଜନତାଙ୍କୁ ସଚେତନ କରିବାକୁ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଦେଶରେ ଦିନକୁ ଦିନ ବେକାରୀ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହାର ସମାଧାନ ନ କରି ସରକାର ଅଳ୍ପ କେତେକ ନିର୍ଦ୍ଦିଷ୍ଟ ପୁଂଜିପତିଙ୍କ ସମ୍ପତି ବଢ଼ାଇବାରେ ଲାଗିଛନ୍ତି। ଫଳରେ ବେକାରୀ ଓ ଦାଦନ ଶ୍ରମିକ ସଂଖ୍ୟା ବଢ଼ିବାରେ ଲାଗିଛି। ସେପଟେ ରାଜ୍ୟରେ ଦୁର୍ନୀତି, ନାରୀ ନିର୍ଯ୍ୟାତନା ଓ ହତ୍ୟା ଆଦି ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ରାଜ୍ୟ ସରକାର ନିଜ ମନ୍ତ୍ରୀ ଓ ନେତାମାନଙ୍କୁ ଘଂଟ ଘୋଡ଼ାଉଛନ୍ତି। ଖାଲି ସେତିକି ନୁହେଁ, ଏହାର ପ୍ରତିବାଦ କଲେ ପୋଲିସ ଲଗାଇ ଆନ୍ଦୋଳନକାରୀଙ୍କ ଉପରେ ଜୁଲୁମ କରୁଛନ୍ତି। ତେଣୁ ଏ ସମ୍ପର୍କରେ ତୃଣମୂଳସ୍ତରରେ ଜନସାଧାରଣଙ୍କୁ ଅବଗତ କରାଇ ଆଗାମୀ ପଂଚାୟତ ନିର୍ବାଚନରେ ଏହାର ଉପଯୁକ୍ତ ଜବାବ ଦେବାକୁ ଡ. ଲେଙ୍କା କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜାନୁଆରୀ ୦୨

# —ନୀରବ ପାଗଳ—



***ବିଭିନ୍ନ ପ୍ରକାର ପାଗଳ ମଣିଷ ସମାଜରେ ଦେଖିବାକୁ ମିଳନ୍ତି ଯାହାଙ୍କ ଭାବଧାରା, କାର୍ଯ୍ୟକଳାପ ଭିନ୍ନ ଭିନ୍ନ ରୂପରେ ପ୍ରକାଶିତ ହୋଇଥାଏ। ହେଲେ ନୀରବ ପାଗଳ ଅର୍ଥାତ ଆଭ୍ୟନ୍ତରୀଣ ପାଗଳାମିକୁ ସାଧାରଣରେ ବୁଝିହୁଏନି, ଯାହାର କୁପ୍ରଭାବ ପାରିପାର୍ଶ୍ୱିକ ଜଟିଳତା ସୃଷ୍ଟି କରି ଲୋକଙ୍କୁ ହନ୍ତସନ୍ତ କରିଥାଏ କେମିତି ?!!***

ପାଗଳ ଅର୍ଥାତ, ମାନବୀୟ ଢଙ୍ଗର ବ୍ୟତିକ୍ରମ ଯାହା ମାନସିକ ବିଭ୍ରମଜନିତ ଭାବଧାରାରୁ ସୃଷ୍ଟି । ମଦ ପାଗଳ, ମସ୍ତିଷ୍କ ଆଘାତଜନିତ ପାଗଳ, ଅନୁପଯୁକ୍ତ ମସ୍ତିଷ୍କ ଗଠନଜନିତ ପାଗଳ, କୌଣସି ସାମାଜିକ ଧକ୍କାଜନିତ ପାଗଳ, ଆକାଂକ୍ଷାର ଅବସାଦଜନିତ ପାଗଳ ଇତ୍ୟାଦି ଭିନ୍ନ ଭିନ୍ନ ପାଗଳାମି ମଣିଷ ପାଖରେ ଦେଖିବାକୁ ମିଳିଥାଏ ସେହିଭଳି କେତେକ ମଣିଷଙ୍କ ପାଖରେ ବଂଶାନୁକ୍ରମିକ ପାଗଳାମି ଦେଖାଯାଇଥାଏ ଯାହା ଏକ ପ୍ରାକୃତିକ ଜିନ୍‌ଗତ ମାନସିକ ପ୍ରତିକ୍ରିୟା। ବିଭିନ୍ନ ପାଗଳଙ୍କ ଚିକିତ୍ସା ଭିନ୍ନ ଭିନ୍ନ ଉପାୟରେ କରାଯାଇଥାଏ ଯାହା ବିଶେଷଜ୍ଞ ସ୍ନାୟୁବିଶେଷଜ୍ଞଙ୍କୁ ନେଇ ଧାର୍ଯ୍ୟ କରିଥା'ନ୍ତି। ପାରିବାରିକ ହେଉକି ସାମାଜିକ କ୍ଷେତ୍ରରେ କୌଣସି ମସ୍ତିଷ୍କ ବିଭ୍ରମଜନିତ ପାଗଳଙ୍କୁ ଚିକିତ୍ସା କରାଯାଇଥାଏ ବିଭିନ୍ନ ମହଲରେ ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ସଦସ୍ୟ ହେଉ କି କୌଣସି ସାମାଜିକ କର୍ମୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ପାଗଳମାନଙ୍କୁ ଚିକିତ୍ସା କରି ସାଧାରଣ ମଣିଷ ଭଳି କରାଇବା ଲକ୍ଷ୍ୟ ରଖି ଅନେକ ପାଗଳ ଚିକିତ୍ସାଳୟ ଅଛି। କାହାକୁ କେଉଁଠି କିଭଳି ଚିକିତ୍ସା କରାଯିବ ନିର୍ଦ୍ଧାରଣ କରିଥା'ନ୍ତି ବିଶେଷଜ୍ଞ । ହେଲେ ପାଗଳପଣର ଚରମ ଦୌରାତ୍ମ୍ୟ କୌଣସି ପାରିପାର୍ଶ୍ୱିକ ପ୍ରଭାବ ପକାଇବା ଲକ୍ଷ୍ୟ କରାଗଲେ ତାହାର ଚିକିତ୍ସା ପାଇଁ ବିଚାର କରାଯାଇଥାଏ । କିନ୍ତୁ ଏମିତି ମଧ୍ୟ କେତେକ ପାଗଳ ଅଛନ୍ତି, ଯାହାଙ୍କ ପାଗଳାମି ଆଦୌ ଜଣାପଡେନାହିଁ କି ସେ ଜଣେ ପାଗଳ । ସେମାନଙ୍କ ମୃଦୁ ପ୍ରଭାବ ଏମିତି ସାମାଜିକ ସମସ୍ୟା ସୃଷ୍ଟି କରିଥାଏ, ଯାହାଙ୍କ ପାଗଳପଣ ଜଣାପଡି ନ ଥାଏ, ଯାହାଙ୍କୁ ନୀରବ ପାଗଳ ବୋଲି କୁହାଯାଏ। ସେମାନଙ୍କ କାର୍ଯ୍ୟକଳାପ ଏବଂ ସାମାଜିକ, ପାରିପାର୍ଶ୍ୱିକ ପ୍ରଭାବଜନିତ କେତେକ ସମସ୍ୟା ବିଚାର କରି ଦେଖିବା...

ନୀରବ ପାଗଳ ଅର୍ଥାତ ସାଧାରଣ ମଣିଷ ଭଳି ବାହ୍ୟ ଆଚରଣରେ ମାନସିକ ବିଭ୍ରମଜନିତ ଭାବଧାରା ଏବଂ ତଜ୍ଜନିତ ପ୍ରକାଶିତ କାର୍ଯ୍ୟକଳାପ, ଯାହା ପାଗଳାମି ବୋଲି ସାଧାରଣ ମଣିଷ ଭାବିପାରନ୍ତି ନାହିଁ। କିନ୍ତୁ ସେମାନଙ୍କ ସେହି ପାଗଳପଣରେ ପ୍ରଭାବିତ ଯଥେଷ୍ଟ କ୍ରୋଧାନ୍ୱିତ ହୋଇ କେତେକ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥାଏ । ସେହି ନୀରବ ପାଗଳର ଲକ୍ଷଣ ମଧ୍ୟରେ ଅନୁଭୂତ ହେଉଥିବା କେତେକ ଆଚରଣକୁ ଅନୁଧ୍ୟାନ କଲେ ଜାଣିହେବ ଯେ ସେ ଜଣେ ପାଗଳ । କେମିତି ବିଚାର କରି ଦେଖିବା...

ଦେଖାଯାଏ କେତେକ ମଣିଷ ସବୁ ସମୟରେ କୌଣସି କାରଣ ନଥାଇ ପ୍ରତ୍ୟେକ କଥାରେ ମିଛ କହନ୍ତି। ସେମାନେ ମିଛର ସାହାରାରେ ନିଜକୁ ଯଥେଷ୍ଟ ଆନନ୍ଦ ଅନୁଭବ କରୁଥିବା ବେଳେ ସମ୍ମୁଖସ୍ଥ ବ୍ୟକ୍ତିଙ୍କୁ ମଧ୍ୟ ମିଛୁଆ ବୋଲି ଭାବି ସନ୍ଦେହ କରିଥା'ନ୍ତି। ସେହିଭଳି ମଣିଷଙ୍କ ପାଖରେ ଭୟାତୁରତା ଯଥେଷ୍ଟ ପରିମାଣରେ ଦେଖିବାକୁ ମିଳେ। ନିଜ ଜିନିଷ କିଏ ଚୋରି କରିନେବା ଭୟ ସବୁବେଳେ ସେମାନଙ୍କୁ ଘାରୁଥାଏ । ସେମାନଙ୍କ ବିଷୟରେ କଥାବାର୍ତ୍ତା ହେଉଥିବା କିମ୍ବା କୌଣସି ଷଡ଼ଯନ୍ତ୍ର କରାଯାଉଥିବା ଭାବଧାରା ଅନବରତ ସେମାନଙ୍କ ମନକୁ ଆନ୍ଦୋଳିତ କରୁଥାଏ। ଅନ୍ୟପ୍ରତି ଆନ୍ତରିକତା ଭାବରେ ଯଥେଷ୍ଟ ଅଭାବ ପରିଲକ୍ଷିତ ହୁଏ ସେହିଭଳି ମଣିଷଙ୍କ କ୍ଷେତ୍ରରେ। ନିଜର ମାନସିକ ଅସନ୍ତୁଳିତ ଅବସ୍ଥାକୁ ଲୁଚେଇବାକୁ ଯାଇ ସାଧାରଣତଃ ସେମାନେ ମୃଦୁହାସ୍ୟ ବଚନ ପ୍ରକଟ କରିଥା'ନ୍ତି। ଧୀରେ କଥାବାର୍ତ୍ତା କରିବା ତଥା ନିଜକୁ ସବୁବେଳେ ସଂଯତ ଅବସ୍ଥାରେ ରଖିବା ଚେଷ୍ଟା ରହିଥାଏ ସେମାନଙ୍କର ଯେତେବେଳେ କାହାସହିତ ବାର୍ତ୍ତାଳାପ କରିଥା'ନ୍ତି। ଛୁପି ଛୁପି ନିଜର ବ୍ୟକ୍ତିଗତ କାର୍ଯ୍ୟ ସମ୍ପାଦନ କରିବାକୁ ଭଲ ପାଆନ୍ତି। ଅନ୍ୟମାନେ କ'ଣ କଥା ହେଉଛନ୍ତି ସେସବୁ ଜାଣିବାକୁ ସେମାନଙ୍କ ଆଗ୍ରହ ଦେଖିବାକୁ ମିଳେ ଏହିଭଳି ମଣିଷଙ୍କ କ୍ଷେତ୍ରରେ। ପରଚର୍ଚ୍ଚା ତଥା ବାହ୍ୟ ବ୍ୟାପାର ଏବଂ ହିଂସାପଣ, କାତରତା ଭାବ ସବୁବେଳେ ଅସ୍ଥିର କରି ରଖିଥାଏ ସେମାନଙ୍କୁ । କଳି ଲାଗିବା ଏକ ସାଧାରଣ ଚରିତ୍ର ହୋଇଥିବା ବେଳେ ଶାନ୍ତ ପରିବେଶରେ କାଣିଶୁଣି କଳି ସୃଷ୍ଟି କରିବା ଏମାନଙ୍କର ଏକ ଆନନ୍ଦଦାୟକ ଅନୁଭୂତି ହୋଇଥାଏ। ଏମିତି ଆହୁରି ଅନେକ ଚରିତ୍ର ପ୍ରବାହ କରିଥା'ନ୍ତି ଏହି ନୀରବ ପାଗଳ ମଣିଷ ଯାହା ସାଧାରଣ ମଣିଷ ବୁଝିବା ଅତ୍ୟନ୍ତ କଷ୍ଟ । ସେମାନଙ୍କ ବିଭିନ୍ନ ଆଚରଣରେ କ୍ଷୁବ୍ଧ ଅନ୍ୟାନ୍ୟ ମଣିଷଗୁଡିକ କେବଳ ଉପସ୍ଥିତ ପରିସ୍ଥିତିକୁ ନେଇ ଆଲୋଚନା ସୃଷ୍ଟି କରୁଥିବା ବେଳେ ସେମାନଙ୍କ ଏହିସବୁ କାର୍ଯ୍ୟକଳାପଗୁଡିକ ପ୍ରତି କାହାର ଧ୍ୟାନ ରହୁ ନ ଥିବା ହେତୁ ଏହିଭଳି ପାଗଳଙ୍କ ପାଗଳାମି ସାଧାରଣତଃ ପଦାରେ ପଡି ନ ଥାଏ । କିନ୍ତୁ ସେମାନଙ୍କ ଏହାଦ୍ୱାରା ଆଚରଣ କାରଣରେ କିଛି ପ୍ରଭାବ ପକାଉଥିବା ବେଳେ ସେମାନଙ୍କୁ ଅହରହ ଅଶାନ୍ତି ମଧ୍ୟରେ ରହିବାକୁ ପଡିଥାଏ।

ଅଶାନ୍ତ ମଣିଷ ସବୁବେଳେ ନିଦ୍ରାହୀନତା ରହୁଥିବା ବିଜ୍ଞାନସମ୍ମତ । ଏବଂ ଏହି କାରଣରୁ ମନରେ କ୍ରୋଧ ଜାଗ୍ରତ ହେବା ଏକ ଶାରୀରିକ ପ୍ରତିକ୍ରିୟା। ତେଣୁ ସାଧାରଣତଃ ଏହି ନୀରବ ପାଗଳ ମଣିଷଗୁଡିକ ଅତ୍ୟନ୍ତ କ୍ରୋଧୀ ହୋଇଥା'ନ୍ତି । କିନ୍ତୁ ନିଜର ସେହି ଅସନ୍ତୁଳିତ ଅବସ୍ଥାକୁ ଆୟତ୍ତାଧୀନ କରି ରଖିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସମୟ ସମୟରେ ତାହା ପ୍ରକଟ ହୋଇଥାଏ ସ୍ନାୟୁବିଶେଷଜ୍ଞ କହନ୍ତି। ହଠାତ୍ ଏତେମାତ୍ରାରେ ଉଗ୍ର ରୂପ ଦେଖାଇ ପୁଣି ନିଜକୁ ନିୟନ୍ତ୍ରିତ ଅବସ୍ଥାକୁ ଆଣିଥା'ନ୍ତି ସେମାନେ କୌଣସି କାରଣରୁ ନିଜର ଦୁର୍ବଳତାକୁ ଲୁଚେଇବା ପାଇଁ। ସେମାନଙ୍କ ସେହି ଅଶାନ୍ତ ମଣିଷ ଭାବରୁ ହେତୁ ମନରେ ଅତ୍ୟାଚାରିତା ଏବଂ ଅହଂଭାବ ଭଳି ଅନେକ ଚରିତ୍ର ମଧ୍ୟ ସୃଷ୍ଟି ହୋଇଥାଏ, ଯାହା ପରୋକ୍ଷରେ ଚରିତାର୍ଥ କରିଥା'ନ୍ତି ସେମାନେ। ତେଣୁ ଏହିଭଳି ନୀରବ ପାଗଳଙ୍କୁ ସାଧାରଣ ମଣିଷ ସମାଜ ବୁଝିପାରୁ ନ ଥିଲେ ମଧ୍ୟ ସେମାନଙ୍କ ଏହିସବୁ ପାର୍ଶ୍ୱ ପ୍ରତିକ୍ରିୟାରେ ବିଚଳିତ ଅନ୍ୟମାନେ ଅନେକ ସମୟରେ ଅତ୍ୟନ୍ତ କ୍ଷୁବ୍ଧ ହୋଇଥା'ନ୍ତି ସେମାନଙ୍କ ଉପରେ। ପୁଣି ଅନ୍ୟମାନଙ୍କ କ୍ଷୁବ୍ଧତା ସେମାନଙ୍କୁ ଯଥେଷ୍ଟ କଷ୍ଟ ଦେଇ ସେମାନଙ୍କ ସେହି ଚରିତ୍ରଗୁଡ଼ିକୁ ପ୍ରଜ୍ଜ୍ୱଳିତ କରି ବ୍ୟାପକ କ୍ଷତି କରିଥାଏ ସେମାନଙ୍କର ଯନ୍ତ୍ରଣା ଏକ ଅସ୍ଥିର ପ୍ରଶାନ୍ତତା ମଧ୍ୟରେ ବଂଚିଥା'ନ୍ତି ସେମାନେ। ଦୁନିଆର ସବୁ ସୁଖ ଥାଇ ମଧ୍ୟ ଅନେକ ସମୟରେ ଦୁଃଖୀ ଭଳି ଜୀବନଯାପନ କରୁଥିବା ସେମାନଙ୍କ ଗୋଟିଏ ସାଧାରଣ ଚରିତ୍ର ଭଳି ଦେଖାଯାଏ। ଏମିତି ସେମାନଙ୍କର ଅନେକ ସମସ୍ୟା ମଧ୍ୟରେ ପାରିପାର୍ଶ୍ୱିକ ମଣିଷମାନଙ୍କ ପ୍ରତି ମଧ୍ୟ ଅନେକ ପାର୍ଶ୍ୱ ପ୍ରଭାବ ପଡିଥାଏ ସେମାନଙ୍କର।

ତେଣୁ ଏହିଭଳି ନୀରବ ପାଗଳଙ୍କ ଚିକିତ୍ସା ବିଷୟରେ ଆମର ଜ୍ଞାନ କ୍ଷୀଣ। ଅଧିକନ୍ତୁ ସେମାନଙ୍କ ପରିବାରବର୍ଗ ତଥା ସମ୍ପର୍କୀୟ, ନିକଟବର୍ତ୍ତୀ ମଣିଷଗୁଡିକ ମଧ୍ୟ ଜାଣନ୍ତି କି ନାହିଁ ଆମକୁ ଜଣାନାହିଁ । କିନ୍ତୁ ଏହିଭଳି ଚରିତ୍ର ପ୍ରବାହ କରୁଥିବା ମଣିଷକୁ କୌଣସି ବିଶେଷଜ୍ଞଙ୍କ ନିକଟକୁ ନେଇ ତାଙ୍କର ପରୀକ୍ଷା, ଚିକିତ୍ସା କରାଯିବା ବିଧେୟ ନିଶ୍ଚିତ ଯାହା କରାଯିବା ଅତ୍ୟନ୍ତ କମ୍ ଦେଖିବାକୁ ମିଳୁଛି ଆମ ପରିବେଶରେ। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା କରାଗଲେ କିଛି ପରିବର୍ତ୍ତନ ହୋଇପାରିବ କି ନାହିଁ କେବଳ ମାନସିକ ବିଶାରଦ ବିଶେଷଜ୍ଞ ହିଁ କହିପାରିବେ । କିନ୍ତୁ ସାଧାରଣ ଲୋକେ ସେମାନଙ୍କ ନିଜକୁ ସନ୍ତୁଳିତ ଅବସ୍ଥାରେ ରଖିବା ଛଡା ଅନ୍ୟ କୌଣସି ଉପାୟ ନାହିଁ ବୋଲି ଆମ ବିଚାରରେ ଆପଣଙ୍କର କିଛି ଅଭିଜ୍ଞତା ଥିଲେ ପ୍ରକଟ କରିବେ ବୋଲି ଆଶା...

**ପଙ୍କଜ କୁମାର ପାଣିଗ୍ରାହୀ, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ.: ୯୪୩୭୩୨୪୯୧୭**

# ଉତ୍କଳକେଶରୀ-ହରେକୃଷ୍ଣ ମହତାବ

**ଅକ୍ଷୟ କୁମାର ରାଉତ**





ବହୁ ଉନ୍ନତ ଜାତି ଇତିହାସର ଚକ ତଳେ ଚାପିହୋଇ ଲୋପ ପାଇଯାଇଛନ୍ତି। ସେମାନଙ୍କର ସଭ୍ୟତା ତଥା ସଂସ୍କୃତିର ଚିହ୍ନବର୍ଣ୍ଣ ଖୋଜିବା ଆଜି ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କର କାର୍ଯ୍ୟ ପାଲଟିଛି। ପ୍ରାୟ ୧୫୦୦ ବର୍ଷ ଧରି ଉନ୍ନତିର ଶିଖରରେ ପହଁଚିଥିବା ଓଡିଆଜାତି ସମୟକ୍ରମେ ବିଦେଶୀ ଦ୍ୱାରା ଲୁଣ୍ଠିତ ହୋଇଛି। ଭୌଗୋଳିକ ଭାବରେ ଛିନ୍ନବିଚ୍ଛିନ୍ନ ହୋଇ ଗଙ୍ଗାଠାରୁ ଗୋଦାବରୀ ବ୍ୟାପିଥିବା ଓଡିଶା କ୍ରମେ ତିନୋଟି ଜିଲ୍ଲା ମଧ୍ୟରେ ସୀମିତ ହୋଇଥିଲା। ଏହିଭଳି ଏକ ଅନ୍ଧକାରାଚ୍ଛନ୍ନ କାଳରେ ଆବିର୍ଭାବ ଘଟେ ନବଉତ୍କଳର ନିର୍ମାତା ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର। ୧୩୦୭ ସାଲ ମାର୍ଗଶିର କୃଷ୍ଣ ଚତୁର୍ଥୀ ବିଚ୍ଛା ୭ ଦିନ ମଙ୍ଗଳବାର ବୃହସ୍ପତି ମହାଦଶାରେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅଗରପଡାଠାରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଦାସ ଓ ମାତାଙ୍କ ନାମ ତୋହଫା ବିବି। ପ୍ରଥମରୁ ସେ ମହତାବ ନଥିଲେ। ପରେ ଅଜା ଜଗନ୍ନାଥ ମହତାବଙ୍କ ଘରକୁ ପୁଅ ହୋଇଯିବାରୁ 'ମହତାବ' ସାଙ୍ଗିଆ ହେଲା।

ହରେକୃଷ୍ଣ ମହତାବ ପ୍ରଥମେ ଗାଁ ଚାଟଶାଳୀରେ ଅବଧାନ ସଦେଇ ଦାସଙ୍କ ନିକଟରେ ପାଠପଢ଼ା ଆରମ୍ଭ କରିଥିଲେ। ଗାଁ ସ୍କୁଲରେ ପାଠପଢ଼ା ସାରି ସେ ଭଦ୍ରକ ହାଇସ୍କୁଲରେ ପାଠ ପଢ଼ିଲେ। ହାଇସ୍କୁଲରେ ପଢ଼ିବାସମୟରେ ତାଙ୍କମା ଆରପାରିକୁ ଚାଲିଗଲେ। ତାଙ୍କ ବାପା ହରେକୃଷ୍ଣଙ୍କର ହାତକୁ ଦି'ହାତ କରିବାକୁ ଚିନ୍ତାକଲେ। ଅସୁରେଶ୍ୱର ଗ୍ରାମର ଆନନ୍ଦରାମ ସିଂହଙ୍କ ଝିଅ ସୁଭଦ୍ରାଙ୍କ ସହିତ ହରେକୃଷ୍ଣଙ୍କର ବାହାଘର କରାଇଦେଲେ। ବାହାଘରର କେତେଦିନ ପରେ ସେ ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାସ୍‌କରି କଟକ ରେଭେନ୍ସା କଲେଜରେ ନାଁଲେଖାଇଲେ। ସେଠାରେ ସେ ନବକୃଷ୍ଣ ଚୌଧୁରୀଙ୍କ ସହିତ ପରିଚିତ ହେଲେ। ବନ୍ଧୁମାନଙ୍କ ସାହାଯ୍ୟରେ ମେସ୍‌ରୁ 'ମଳୟ' ନାମକ ଓଡିଆ ପତ୍ରିକା ଓ 'ଡଷ୍ଟବିନ୍' ନାଁରେ ଏକ ଇଂରାଜୀ ପତ୍ରିକା ପ୍ରକାଶ କରିଥିଲେ। ମହତାବ ଦ୍ୱିତୀୟ ଶ୍ରେଣୀରେ ଆଇ.ଏସ୍.ସି. ପାସ୍‌କରି ସେହିଠାରେ ବି.ଏସ୍‌ସି. ନପଢ଼ି ବି.ଏ. ଶ୍ରେଣୀରେ ନାମ ଲେଖାଇଲେ।

କଟକର ବାଖରାବାଦର 'ଭାରତୀମନ୍ଦିର' ପାଠାଗାର ଦେଶଭକ୍ତ ଓ ଦେଶପ୍ରେମୀମାନଙ୍କର ଏକ କେନ୍ଦ୍ର। ଏଥିରେ ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର ଆଦି ସକ୍ରିୟ ଅଂଶ ଗ୍ରହଣକରୁଥିଲେ। ହରେକୃଷ୍ଣ ମହତାବ ସେମାନଙ୍କୁ ସହଯୋଗ ଦେଲେ। ଥରେ ମହତାବ ଉତ୍କଳ ସମ୍ମିଳନୀରେ ଯୋଗଦେଇ ମଧୁବାବୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ। ପ୍ରଥମ ରାଉଲଟ୍ ଆଇନ୍ ଓ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ମହତାବଙ୍କୁ ବିଚଳିତ କରିଥିଲା। କଲିକତା ଓ ନାଗପୁର କଂଗ୍ରେସର ଅଧିବେଶନରେ ଯୋଗଦେଇ ବହୁ ଜାତୀୟସ୍ତରର କଂଗ୍ରେସ ନେତାଙ୍କ ସଂସ୍ପର୍ଶରେ ଆସିଲେ ଓ ଗୋପବନ୍ଧୁ ଦାସଙ୍କ ସହିତ ସାକ୍ଷାତ କରିଥିଲେ। ଫଳରେ ସେ କଲେଜ ପାଠପଢ଼ା ଛାଡି କଂଗ୍ରେସରେ ଯୋଗଦେଲେ। ବାଲେଶ୍ୱରଠାରେ 'ସ୍ୱରାଜ୍ୟମନ୍ଦିର' ଅନ୍ୟମାନଙ୍କ ସହଯୋଗରେ ଗଠନ କରିଥିଲେ। ବାଲେଶ୍ୱର କଂଗ୍ରେସ କମିଟିର ମହତାବ ହେଲେ ସମ୍ପାଦକ। କଂଗ୍ରେସର ବିଦେଶୀ ବସନ ବର୍ଜନ ଆନ୍ଦୋଳନରେ ଜଣେ ବିଲାତି ଲୁଗାବେପାରି ଗାଡିକୁ ଅଟକାଇ ମହତାବ ୧୫ ଦିନ ଜେଲଦଣ୍ଡ ଭୋଗକଲେ ୨୫ ଟଙ୍କା ଜୋରିମାନା ଦେଇ ନ ପାରି। ଏହା ଥିଲା ତାଙ୍କର ପ୍ରଥମ ଜେଲଦଣ୍ଡ। ସ୍ୱାଧୀନତା ଆନ୍ଦୋଳନରେ ସେ ସାତଥର ଗିରଫ ହୋଇ ଦୀର୍ଘ ଆଠବର୍ଷ କାଳ ଜେଲ୍ ଦଣ୍ଡ ଭୋଗକରିଛନ୍ତି। ମହତାବ ଭାଗଲପୁର ଜେଲ୍‌ରେ ରହିବା ସମୟରେ ପଚସ୍ତରୀ ସେର ଧାନ କୁଟିବା ବା କୋଡିଏ ସେର ଗହମ ଚୂରିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା। ସେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କୁହାବୋଲା କରି ଲେଖାପଢ଼ା କାମ ପାଇଲେ। ଏହି ସୁଯୋଗରେ ମହତାବ 'ଅଜବ ଦୁନିଆ' ନାଁରେ ଏକ ଓଡିଆ ଉପନ୍ୟାସ ଓ 'ଫ୍ରି ଥିଙ୍କିଙ୍ଗ' ନାମରେ ଖଣ୍ଡେ ଇଂରାଜୀ ବହି ଲେଖିଥିଲେ। ପରେ ପୋଲିସ୍ 'ଅଜବ ଦୁନିଆ'ର ମୂଳଲେଖାଟି ପୋଡିଦେଇଥିଲା।

କନିକା ପ୍ରଜା ଆନ୍ଦୋଳନର ନେତୃତ୍ୱ ଯୋଗୁ ଭୋଗୁଥିବା ଜେଲ୍‌ଦଣ୍ଡରୁ ମୁକ୍ତି ପାଇବା ପରେ ୧୯୨୩ ମସିହାରେ କଟକ ମୁକୁର ପ୍ରେସ୍‌ରୁ ସାପ୍ତାହିକ 'ପ୍ରଜାତନ୍ତ୍ର' ପ୍ରକାଶ କରିଥିଲେ ମହତାବ। ୧୯୨୭ ମସିହାରେ ସାପ୍ତାହିକ ଆଡଭେଂଚର ପତ୍ରିକା ପ୍ରକାଶ କରିଥିଲେ। ୧୯୩୦ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତିଭାବେ ନିର୍ବାଚିତ ହୋଇଥିଲେ। ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ଗିରଫ ହୋଇ ୧୮ ମାସ ଜେଲବରଣ କରିଥିଲେ।

୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହୋଇଥିଲା। ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାରର ପ୍ରତିବାଦରେ ୧୯୩୭ ମସିହାରେ ପଟ୍ଟାଭିସୀତାରାମେୟାଙ୍କ ସଭାପତିତ୍ୱରେ ପ୍ରଜାମାନଙ୍କର ଏକ ସମ୍ମିଳନୀ କଟକଠାରେ ହୋଇଥିଲା। ଗଡଜାତ ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ତଦନ୍ତ ପାଇଁ ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରାଯାଇଥିଲା।

୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ସତ୍ୟାଗ୍ରହ ପାଇଁ ସ୍ଥିର କଲା। ଆନ୍ଦୋଳନକୁ ଚପାଇଦେବା ପାଇଁ ବ୍ରିଟିଶ ସରକାର ଦେଶର ସବୁ ବଡନେତାମାନଙ୍କୁ ଗିରଫ କରାଇନେଲେ। ଚାନ୍ଦବିବି କିଲ୍ଲା ବା ଅହମଦ ନଗର ଫୋର୍ଟଜେଲରେ ଦେଶର ବଡବଡ ନେତାଙ୍କ ସହିତ ମହତାବ ବନ୍ଦୀରେ ରହିଥିଲେ। ସେଠାରେ ସେ 'ଓଡିଶା ଇତିହାସ' ତିନୋଟିକାବ୍ୟ, ତିନୋଟି ଉପନ୍ୟାସ ଓ କେତୋଟି କବିତା ରଚନା କରିଥିଲେ। ଏହା ଥିଲା ଓଡିଆ ସାହିତ୍ୟଭଣ୍ଡାରର ଅମୂଲ୍ୟ ରତ୍ନ।

୧୯୪୬ ମସିହାରେ ହୋଇଥିବା ନିର୍ବାଚନରେ ୫୬ଟି ଆସନରୁ ୩୭ଟିରେ କଂଗ୍ରେସ ପ୍ରାର୍ଥୀମାନେ ବିନା ଲଢ଼େଇରେ ଜିତିଥିଲେ। ଅନ୍ୟ ୧୯ଟି ଆସନରେ ଲଢ଼େଇ ହୋଇଥିଲା। ସେଥିରୁ କଂଗ୍ରେସ ୧୦ଟି ପାଇଥିଲା। ମହତାବଙ୍କ ନେତୃତ୍ୱରେ ଓଡିଶାରେ ଏକ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା। ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ। ୧୯୪୬ ମସିହା ଅପ୍ରେଲ ମାସରୁ ୧୯୫୦ ମସିହା ମେ' ମାସ ପର୍ଯ୍ୟନ୍ତ ଓଡିଶାର ପ୍ରଧାନମନ୍ତ୍ରୀ ଥିଲେ। ଓଡିଶାର ଲାଟସାହେବ ସାର୍ ହାଥର୍ଣ୍ଣ ଲୁଇସ୍ ୧୯୪୫ ମସିହା ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ବନ୍ଧର ଶୁଭ ଦେଇଥିଲେ। କିନ୍ତୁ ମହତାବ ବହୁତ ଅସୁବିଧା ସତ୍ତ୍ୱେ ଟଙ୍କା ଯୋଗାଡ କରି ହୀରାକୁଦ ବନ୍ଧ ତିଆରି କରିଥିଲେ। ତାଙ୍କର କାର୍ଯ୍ୟକାଳ ଭିତରେ ସେ ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ, ମାଛକୁଣ୍ଡରେ ଡୁଡୁମା ଜଳବିଦ୍ୟୁତ୍ କେନ୍ଦ୍ର, ଓଡିଶା ଅଲିମ୍ପିକ୍ ଆସୋସିଏସନ୍ ଗଠନ, ବିଦ୍ୟାଧରପୁରରେ ଧାନ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ, କଟକରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା ଏବଂ ଓଡିଶା ହାଇକୋର୍ଟ ପ୍ରତିଷ୍ଠା କରିଥିଲେ। ୧୯୪୭ ନଭେମ୍ବର ମାସ ୧୪ ତାରିଖରେ ନୀଳଗିରି ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ ଏବଂ ଡିସେମ୍ବର ୧୪ ତାରିଖରେ ଗଡଜାତ ମିଶ୍ରଣର ଚୁକ୍ତିପତ୍ର ସର୍ଦ୍ଦାର ପଟେଲଙ୍କ ଉପସ୍ଥିତିରେ କରିଥିଲେ। ୧୯୪୮ ମସିହା ଜାନୁୟାରୀ ପହିଲା ଦିନ ୨୫ଟି ଗଡଜାତ ଓଡିଶାରେ ମିଶିଲା। ଏହାର ବର୍ଷକ ପରେ ମୟୁରଭଂଜ ରାଜ୍ୟ ଓଡିଶାରେ ମିଶିଲା। ସବୁ କାର୍ଯ୍ୟ ମହତାବଙ୍କ ପରି ବ୍ୟକ୍ତିଙ୍କ ଯୋଗୁ ସମ୍ଭବ ହୋଇଥିଲା। ତାଙ୍କର ଏହିସବୁ କାର୍ଯ୍ୟରେ ଖୁସିହୋଇ ନେହେରୁ ତାଙ୍କୁ ଅନୁରୋଧ କରିଥିଲେ ସେ ଓଡିଶାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ କେନ୍ଦ୍ରରେ ଶିଳ୍ପ ଓ ବାଣିଜ୍ୟମନ୍ତ୍ରୀ ଭାବେ ଯୋଗଦେବାକୁ। ବାସ୍ତବରେ ତାହାହିଁ ହୋଇଥିଲା। ୧୯୫୧ ମସିହାରେ ମହତାବ କଂଗ୍ରେସ ପ୍ରାର୍ଥୀଭାବରେ କଟକ ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ସେ କେନ୍ଦ୍ରରେ ମନ୍ତ୍ରୀ ନହୋଇ କଂଗ୍ରେସ ସଂସଦୀୟ ଦଳର ସେକ୍ରେଟେରୀ ଜେନେରାଲ ହୋଇଥିଲେ।

୧୯୫୫ ମାର୍ଚ୍ଚ ୨ରୁ ୧୯୫୬ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବମ୍ବେର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିଲେ। ୧୯୫୬ ଅକ୍ଟୋବର ୧୯ରୁ ୧୯୬୧ ଫେବୃୟାରୀ ୨୪ ତାରିଖ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟରେ ଭୁବନେଶ୍ୱରରେ ରାଜ୍ୟସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତାଙ୍କ ସମୟରେ ବିଧାନସଭାରେ ଭୂସଂସ୍କାର ବିଲ୍ ଗୃହୀତ ହୋଇଥିଲା। ରାଉରକେଲା ଇସ୍ପାତ୍ କାରଖାନା କାର୍ଯ୍ୟ ସେ ପୂର୍ଣ୍ଣାଙ୍ଗ କରିଥିଲେ। ଅନୁଗୋଳ ଲୋକସଭାରୁ ନିର୍ବାଚିତ ହୋଇ ଦୁଇବର୍ଷ ପାଇଁ ସେ କଂଗ୍ରେସ ସଂସଦୀୟ ଦଳର ଉପନେତା ହୋଇଥିଲେ।

୧୯୬୬ରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଓଡିଶାରେ ଜନକଂଗ୍ରେସ ଦଳ ଗଠନ କଲେ। ୧୯୬୭ ମସିହା ବିଧାନସଭା ନିର୍ବାଚନରେ ଜନକଂଗ୍ରେସ ଓ ସ୍ୱତନ୍ତ୍ର ଦଳ ମିଶି ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ। ମହତାବ ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜିତିଥିଲେ। ପରେ ଭୁବନେଶ୍ୱର ବିଧାନସଭା ଆସନରୁ ଇସ୍ତଫା ଦେଇ ପତ୍ନୀ ଶ୍ରୀମତୀ ସୁଭଦ୍ରା ମହତାବଙ୍କୁ ଜିତାଇ ବିଧାନସଭାକୁ ପଠାଇଥିଲେ। ୧୯୭୧ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ଡାକରାରେ କଂଗ୍ରେସ ଦଳକୁ ଫେରିଆସି ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରି ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜୟଲାଭ କରିଥିଲେ। ପରେ ସେ ଭଦ୍ରକ ଆସନରୁ ଇସ୍ତଫା ଦେଇଥିଲେ। ୧୯୭୪ ମସିହାରେ ଭୁବନେଶ୍ୱର ଆସନରୁ ବିଧାନସଭାରୁ ନିର୍ବାଚିତ ହୋଇଥିଲେ। ୧୯୬୬ ମସିହାରେ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଅକାଳ ବିୟୋଗ ଘଟିଥିଲା। ଇନ୍ଦିରାଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବାରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ମହତାବ। ଏହାର ଏଗାର ବର୍ଷ ପରେ ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଇନ୍ଦିରା ଗାନ୍ଧି ଦେଶରେ ଜରୁରୀ ପରିସ୍ଥିତି ଜାରିକରି ମହତାବଙ୍କ ସହିତ ବହୁ ଜାତୀୟନେତାଙ୍କୁ ଗିରଫ କରିଥିଲେ। ଏହି ଜରୁରୀ ପରିସ୍ଥିତିରେ ଜେଲ ଜୀବନରେ 'ତୃତୀୟ ପର୍ବ' ନାମରେ ଏକ ଉପନ୍ୟାସ ବହି ଲେଖିଥିଲେ।

ହରେକୃଷ୍ଣ ମହତାବ ୧୯୪୭ ଅଗଷ୍ଟ ୮ରେ କଟକରୁ ଦୈନିକ 'ପ୍ରଜାତନ୍ତ୍ର'ର ପୁନଃ ପ୍ରକାଶ କରିଥିଲେ। ପ୍ରଜାତନ୍ତ୍ରରେ 'ଗାଁମଜଲିସ' ଶୀର୍ଷକ ସ୍ତମ୍ଭ ମାଧ୍ୟମରେ ଗ୍ରାମାଞ୍ଚଳର ଅସୁବିଧା ସଂପର୍କରେ ପ୍ରକାଶ କରୁଥିଲେ। ସେ 'ଝଙ୍କାର', 'ମୀନାବଜାର', 'ହୀରାଖଣ୍ଡ' ଓ 'ଇଷ୍ଟର୍ଣ୍ଣ ଟାଇମସ୍' ପ୍ରକାଶ କରିଥିଲେ। ସେ 'ବିଷୁବ ମିଳନ'ର ଶୁଭାରମ୍ଭ କରିଥିଲେ। ଗାଁ ମଜଲିସ୍ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ ଓଡିଶା ସାହିତ୍ୟ ଏକାଡେମୀ, ସଂଗୀତ ନାଟକ ଏକାଡେମୀ ଓ ଲଳିତକଳା ଏକାଡେମୀର ମଧ୍ୟ ସଭାପତି ଥିଲେ। ତାଙ୍କ ରଚିତ 'ପୂଣ୍ୟାତ୍ମା ଗୋପବନ୍ଧୁ', 'ଚଷାଭାଇ', 'ପଲାସୀ ଅବସାନ', 'ସ୍ୱରାଜ୍ୟ ସାଧନ', 'ସାଧନା ପଥେ' ଓ 'ପ୍ରତିଭା', 'ଟାଉଟର', 'ଦୁର୍ଭିକ୍ଷ', 'ଗାଁମାଟି', 'ଗାଁ ଟାଉଟର', 'ଅବ୍ୟାପାର', 'ଫ୍ରିଡମ୍ ମୁଭ୍‌ମେଣ୍ଟ ଅଫ୍ ଓଡିଶା ଓ ହ୍ୱାଇଲ୍ ସରଭିଂ ମାଇଁ କନଟ୍ରି। ମହତାବ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇବା ଓ ବଳିପ୍ରଥା ଉଠେଇବାର ଉଦ୍ୟମ ଯୋଗୁ ପ୍ରଶଂସାର ପାତ୍ର। ତାଙ୍କର ପଣ୍ଡିତପଣିଆ, ବୁଦ୍ଧି ବିଚାର ଯୋଗୁ ଆନ୍ଧ୍ର, ସୌଗର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ।

୧୯୮୭ ମସିହା ଜାନୁଆରୀ ୨ ତାରିଖରେ ୮୮ ବର୍ଷ ବୟସରେ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମମୟ ଜୀବନର ଅବସାନ ଘଟିଲା। ସବୁଆଡେ ଦୁଃଖର ଛାୟା 'ଉତ୍କଳକେଶରୀ' ଆଉ ନାହାନ୍ତି। ସେ କେବଳ ସ୍ୱାଧୀନତା ସଂଗ୍ରାମର ସାରଥି ଭାବରେ ନୁହେଁ ଓଡିଶା ନବଯୁଗର ପ୍ରବର୍ତ୍ତକ କିମ୍ବା ଓଡିଶାର ଭୀଷ୍ମ ଭାବରେ ନୁହେଁ, ବରଂ ଲୋକଶାସନର ସୂତ୍ରଧର ରୂପେ ଅପରାଜେୟ ନେତା ଭାବରେ ଯୁଗ ଯୁଗ ଧରି ଜନମାନସରେ ବଞ୍ଚିରହିବେ।

***-ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ.ନଂ.-୯୯୩୭୬୯୧୪୭୫***

# ବିବାହର ବୟସ

**ଗୋଲଖ ଚନ୍ଦ୍ର ଦାସ**



ବିଶ୍ୱରେ ଝିଅମାନଙ୍କର ବିବାହ ବୟସକୁ ନେଇ ଭିନ୍ନ ଭିନ୍ନ ମତ ରହିଛି। ସାଉଦି ଆରବ ଏବଂ ୟେମେନ ପରି ଦେଶରେ ଆଜି ପର୍ଯ୍ୟନ୍ତ ବିବାହର ସର୍ବନିମ୍ନ ବୟସ ସ୍ଥିର ହୋଇ ନାହିଁ କିନ୍ତୁ ଝିଅମାନଙ୍କର ସର୍ବନିମ୍ନ ବିବାହ ବୟସ ଲେବାନନରେ ୯ ବର୍ଷ, ସୁଦାନରେ ୧୧ ବର୍ଷ, ଇରାନରେ ୧୩ ବର୍ଷ, କୁଏତରେ ୧୫ ବର୍ଷ , ବ୍ରିଟେନରେ ୧୬ ବର୍ଷ ସ୍ଥିର ହୋଇଛି। ସେହିପରି ବିଶ୍ୱରେ ଏପରି ୨୩ଟି ଦେଶ ଅଛି ଯେଉଁଠି ୧୮ ବର୍ଷରୁ କମ୍ ବୟସର ଝିଅମାନେ ବିବାହ କରନ୍ତି । ଆମେରିକାରେ ଏହି ବିଷୟରେ କୌଣସି ଆଇନ ନଥିଲେ ମଧ୍ୟ ପ୍ରାୟ ଅଧିକାଂଶ ରାଜ୍ୟରେ ଝିଅମାନେ ୧୮ ବର୍ଷ ବୟସ ପରେ ବିବାହ କରନ୍ତି । ଅବଶ୍ୟ ସେଠାରେ ଅସାଧାରଣ ପରିସ୍ଥିତିରେ ୧୮ ବର୍ଷରୁ କମ୍ ବାଳକ ଏବଂ ବାଳିକାମାନଙ୍କର ବିବାହକୁ ସ୍ୱୀକୃତି ଦିଆଯାଇ ଥାଏ । ଏବେ ଆମ ଦେଶରେ ଝିଅମାନଙ୍କର ବିବାହ ବୟସକୁ ୧୮ ବର୍ଷରୁ ୨୧ ବର୍ଷ କରିବା ପାଇଁ କେନ୍ଦ୍ର କ୍ୟାବିନେଟ ନିଷ୍ପତି ନେଇଥିବାରୁ ଚର୍ଚ୍ଚା ଜୋର ଧରିଛି । ରାଜନେତାଙ୍କଠାରୁ ଆରମ୍ଭ କରି ମୁଲ୍ଲା ମୌଲବୀ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ମତ ପୋଷଣ କରୁଛନ୍ତି ।

ଆମ ଦେଶରେ ଝିଅମାନଙ୍କ ବୟସ ୧୮ ବର୍ଷ ହୋଇଗଲେ ବାପା ମାଆଙ୍କ ମନରେ ଚିନ୍ତା ଆସିଯାଏ ଝିଅକୁ କିପରି କେଉଁଠି ହାତକୁ ଦୁଇ ହାତ କରିବେ ବା ବିବାହ ଦେବେ । ଏହାଦ୍ୱାରା ମା'ବାପାଙ୍କର କର୍ତବ୍ୟ ପୂରଣ ହୋଇଯିବ । ତାଙ୍କର ଦାୟିତ୍ୱ ସରିଯିବ । ଏହାପରେ ଝିଅଟି ଶଶୁର ଘରର ହୋଇଯାଏ । ଶଶୁର ଘରର ଲୋକ ତାର ଦାୟିତ୍ୱ ନିଅନ୍ତି । ସେହି ଝିଅ ଆଉ ପାଠ ପଢିବ କି ନାହିଁ, ଚାକିରୀ କରିବ କି ନାହିଁ, କେଉଁଠି ରହିବ, କଣ କରିବ ଏ ସବୁ ବିଷୟ ଶଶୁର ଘରର ଲୋକ ସ୍ଥିର କରିବେ । ଯେଉଁମାନଙ୍କର ନିଜ ଇଚ୍ଛାରେ ଲେଖା ପଢା କରିବାର ଅଧିକାର ବା ଜୀବନ ବିତାଇବାର ଅଧିକାର ମିଳିନାହିଁ ସେହି ଝିଅକୁ ୧୮ ବର୍ଷ ହୋଇଗଲେ ସେ ଏହି ମାନସିକତାର ଶିକାର ହୋଇଯାଇଥା'ନ୍ତି । ଏବେ ଭାରତ ସରକାର ଯେଉଁ ପଦକ୍ଷେପ ନେବାକୁ ଯାଉଛନ୍ତି ତାହା ଦ୍ୱାରା କୋଟି କୋଟି ଭାରତୀୟ ଝିଅଙ୍କ ଜୀବନ ବଦଳିଯିବ । ଝିଅମାନଙ୍କୁ ଆହୁରୀ ସଶକ୍ତ କରିବ ।

ଲାଲକିଲ୍ଲାର ପ୍ରାଚୀର ଉପରୁ ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅବସରରେ ଝିଅ ଏବଂ ଭଉଣୀମାନଙ୍କ ସ୍ୱାସ୍ଥ୍ୟ ନେଇ ଚିନ୍ତିତ ବୋଲି ଯେଉଁ ମତ ଉପସ୍ଥାପନ କରିଥିଲେ ତା' ର ଯଥାର୍ଥତା ଏବେ ଦେଖିବାକୁ ମିଳୁଛି । ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଝିଅ ଓ ଭଉଣୀମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସରକାର ସବୁବେଳେ ଯତ୍ନବାନ ରହିଛନ୍ତି। ଝିଅମାନଙ୍କୁ ଅପପୁଷ୍ଟିରୁ ରକ୍ଷା କରିବାକୁ ହେଲେ ସେମାନଙ୍କ ବିବାହ ଠିକ୍ ବୟସରେ ହେବା ଦରକାର। ଏହାପରେ ୧୦ ଜଣିଆ ଟାସ୍କ ଫୋର୍ସ ଗଠିତ ହୋଇଥିଲା। ଏହି ଟିମ୍ ସ୍କୁଲ-କଲେଜ, ଆଇନ ବିଶେଷଜ୍ଞ, ନାଗରିକ ସଙ୍ଗଠନଗୁଡିକର ପରାମର୍ଶ ନେଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ବର୍ତମାନ ଦେଶରେ ପୁଅମାନଙ୍କ ବିବାହ ବୟସ ସର୍ବନିମ୍ନ ୨୧ ବର୍ଷ ଥିବା ବେଳେ ଝିଅଙ୍କ କ୍ଷେତ୍ରରେ ଏହା ୧୮ ବର୍ଷ ରହିଛି। ଏବେ ବିବାହ ପାଇଁ ଝିଅମାନଙ୍କ ସର୍ବନିମ୍ନ ବୟସ ସୀମା ବଦଳିବାକୁ ଯାଉଛି। ୨୧ ବର୍ଷ ବୟସ ପୂର୍ବରୁ ଝିଅମାନେ ବିବାହ କରିପାରିବେ ନାହିଁ। କେନ୍ଦ୍ର ସରକାର ଏହି ନିଷ୍ପତି ନେଇଛନ୍ତି। ଏହାକୁ ସଂସଦର ଉଭୟ ଗୃହ ଯଥା ଲୋକସଭା ଓ ରାଜ୍ୟସଭାରେ ଉପସ୍ଥାପନ କରାଯିବ। ଏହି ପ୍ରସ୍ତାବ ପାରିତ ହେବା ପରେ ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ। ରାଷ୍ଟ୍ରପତିଙ୍କ ମୋହର ବାଜିବା ପରେ ଏହା ଆଇନରେ ପରିଣତ ହୋଇଯିବ। ଏହାପରେ ଝିଅଙ୍କ ବିବାହ ୨୧ ବର୍ଷ ପୂର୍ବରୁ ହେବା ବେଆଇନ୍ ବୋଲି ଧରାଯିବ। ଝିଅଙ୍କ ସର୍ବନିମ୍ନ ବିବାହ ବୟସ ୨୧ ବର୍ଷ କରିବାକୁ ଦୀର୍ଘ ଦିନରୁ ଦାବି ହେଉଥିଲା। ଟାସ୍କ ଫୋର୍ସ ତାର ରିପୋର୍ଟରେ କହିଛି ଯେ, ପ୍ରଥମ ଶିଶୁକୁ ଜନ୍ମଦେବା ବେଳକୁ ମହିଳାର ବୟସ ୨୧ ବର୍ଷ ହୋଇଥିବା ଦରକାର। ଏହାଦ୍ୱାରା ମହିଳାଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡିବ, ଆର୍ଥିକ ଓ ସାମାଜିକ ପ୍ରଭାବ ବି ଶକ୍ତିଶାଳୀ ହେବ। ବିବାହ ବୟସରେ ପରିବର୍ତନ ପାଇଁ ମୁଖ୍ୟତଃ ବାଲ୍ୟବିବାହ ଆଇନ, ସ୍ୱତନ୍ତ୍ର ବିବାହ ଆଇନ ଓ ହିନ୍ଦୁ ବିବାହ ଆଇନରେ ସଂଶୋଧନ ହେବ। ଏଥିପାଇଁ ଟାସ୍କଫୋର୍ସ କେନ୍ଦ୍ର ସରକାରଙ୍କ ପାଖରେ ସୁପାରିଶ କରିଛି।

ଏହି ଆଇନ ଲାଗୁ ହେଲେ ଏହାର ପ୍ରଭାବରେ ଉଚ୍ଚଶିକ୍ଷାରେ ମହିଳାଙ୍କ ଯୋଗଦାନ ବଢିବ। ଏହାପୂର୍ବରୁ ଝିଅମାନେ ବିବାହ ପର୍ଯ୍ୟନ୍ତ ମାତ୍ର ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢି ପାରୁଥିଲେ କିନ୍ତୁ ଏହି ଆଇନ ଲାଗୁ ହେଲେ ବାଳିକାମାନେ ଗ୍ରାଜୁଏସନ ପର୍ଯ୍ୟନ୍ତ ପଢିପାରିବେ। ଶିକ୍ଷାକ୍ଷେତ୍ରରେ ବିଶାଳ ପରିବର୍ତନ ହେବ। ମହିଳା ଶିକ୍ଷିତ ହେଲେ ସଂପୂର୍ଣ୍ଣ ପରିବାର ଶିକ୍ଷିତ ହେବ। ଆମେରିକାର ଏକ ଅନୁସନ୍ଧାନରୁ ଜଣାପଡିଛି ଯେଉଁ ମହିଳା ଶିକ୍ଷିତ ତାଙ୍କ ପିଲା ଗଣିତ ଓ ବିଜ୍ଞାନରେ ବହୁତ ଭଲ ପ୍ରଦର୍ଶନ କରନ୍ତି। ଭବିଷ୍ୟତରେ ଭଲ ମଣିଷ ହୁଅନ୍ତି। ଯଦି ଯେଉଁ ମହିଳା କାରୀଗରି କୌଶଳ ଶିକ୍ଷା କରୁଥାଏ ତେବେ ଏହି ସମୟ ମଧ୍ୟରେ ସଂପୂର୍ଣ୍ଣ କରିବାପାଇଁ ତାକୁ ସମୟ ମିଳିଯିବ। ଯାହାଫଳରେ ସେ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହୋଇପାରିବ। ଏହି ଆଇନ ଦ୍ୱାରା ଜନସଂଖ୍ୟା ଉପରେ ମଧ୍ୟ ପ୍ରଭାବ ପଡିବ। ଶିକ୍ଷିତ ମହିଳାମାନେ କେବେ ବି ଅଧିକସଂଖ୍ୟକ ସନ୍ତାନ ଜନ୍ମ ଦେବାକୁ ଚାହିଁବେ ନାହିଁ।

୧୮୯୧ ପୂର୍ବରୁ ଭାରତୀୟ ମହିଳା ଓ ପୁରୁଷଙ୍କ ପାଇଁ କୌଣସି ବିବାହ ବୟସ ନଥିଲା। ଏହି କାରଣରୁ ଦେଶରେ ବାଲ୍ୟବିବାହ ପ୍ରଥା ବହୁଳ ଭାବରେ ପ୍ରଚଳିତ ଥିଲା। ଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଏହାକୁ ଖରାପ ଭାବୁ ନ ଥିଲେ। ଉଦାହରଣସ୍ୱରୂପ ଯେତେବେଳେ ଭାରତର ପ୍ରଥମ ନୋବେଲ ବିଜେତା ରବୀନ୍ଦ୍ରନାଥ ଠାକୁର ୨୦ ବର୍ଷ ବୟସରେ ବିବାହ କରିଥିଲେ ସେତେବେଳେ ତାଙ୍କର ପତ୍ନୀ ମୃଣାଳିନୀ ଦେବୀଙ୍କୁ ମାତ୍ର ୧୦ ବର୍ଷ ବୟସ ହୋଇଥିଲା। ଭାରତରେ ବାଲ୍ୟବିବାହକୁ ବନ୍ଦ କରିବା ପାଇଁ ବ୍ରିଟିଶ ସରକାର ପ୍ରଥମେ ୧୮୯୧ ମସିହାରେ ଏକ ଆଇନ ଆଣିଥିଲେ। ଯେଉଁଥିଲେ ଉଲ୍ଲେଖ ଥିଲା ଜଣେ ବ୍ୟକ୍ତି ୧୨ ବର୍ଷ କିମ୍ବା ତା'ଠାରୁ କମ୍ ବୟସର ଝିଅଙ୍କୁ ବିବାହ କରିପାରିବ ନାହିଁ। ଏହାପରେ ୧୯୨୯ ମସିହାରେ ବ୍ରିଟିଶ ସରକାର ଅନ୍ୟ ଏକ ଆଇନ ଆଣିଥିଲେ। ଯେଉଁଥିରେ ଝିଅମାନଙ୍କ ବିବାହ ବୟସ ୧୬ ବର୍ଷ ଓ ପୁଅମାନଙ୍କର ବିବାହ ବୟସ ୧୮ ବର୍ଷ ସ୍ଥିର କରାଯାଇଥିଲା। ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଏହି ଆଇନରେ କୌଣସି ପରିବର୍ତନ ହୋଇନଥିଲା। ୧୯୫୧ ମସିହାରେ ଦେଶର ପ୍ରଥମ ଆଇନମନ୍ତ୍ରୀ ଡକ୍ଟର ଭୀମରାଓ ଆମ୍ବେଦକର ସଂସଦରେ ହିନ୍ଦୁ କୋଡ ବିଲ ଆଗତ କରିଥିଲେ; କିନ୍ତୁ ନେହେରୁ ଏହାକୁ ପ୍ରତ୍ୟାହାର କରି ନେଇଥିଲେ। ଦେଶ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏଠାରେ ସବୁ ଧର୍ମର ଲୋକମାନେ ଏକାଠି ରହୁଛନ୍ତି। କିନ୍ତୁ ବିବାହ, ଛାଡପତ୍ର ଏବଂ ସମ୍ପତି ବିଭାଜନ ପ୍ରସଙ୍ଗରେ କେବଳ ହିନ୍ଦୁମାନଙ୍କ ପାଇଁ ଆଇନ କାହିଁକି ଅଣାଯାଉଛି ବୋଲି ସେହି ସମୟରେ ନେହେରୁଙ୍କ ଉପରେ ଅଭିଯୋଗ ଆସିଥିଲା। ସେହି ସମୟରେ ହିନ୍ଦୁ ଝିଅମାନଙ୍କର ବିବାହ ବୟସ ୧୮ ବର୍ଷ ଏବଂ ପୁଅମାନଙ୍କର ବୟସ ୨୧ ବର୍ଷ ସ୍ଥିର କରାଯାଇଥିଲା। ମୁସଲମାନମାନଙ୍କ ପାଇଁ ନିୟମ ପ୍ରଣୟନ କରାଗଲା ନାହିଁ। ମୁସଲିମ Personal Law ସେମାନଙ୍କ ପାଇଁ ବଳବତର ରହିଲା। ଯାହା ଆଜିପର୍ଯ୍ୟନ୍ତ ପ୍ରଚଳିତ ଅଛି। ତାଙ୍କ ଆଇନ ଅନୁସାରେ ୧୫ ବର୍ଷର ଝିଅ ବିବାହ ପାଇଁ ଯୋଗ୍ୟ। ଏହା କେବଳ ସଂଖ୍ୟାଲଘୁ ରାଜନୀତି ଯୋଗୁଁ ସମ୍ଭବ ହୋଇଛି। ୧୯୭୮ ମସିହାରେ ତତ୍କାଳୀନ ସରକାର ବାଲ୍ୟ ବିବାହ ଆଇନରେ ସଂଶୋଧନ କରିଥିଲେ। କିନ୍ତୁ ଏହି ଆଇନ ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କ ଉପରେ ପ୍ରଭାବ ପକାଇବ କି ନାହିଁ ସେ ବିଷୟରେ ସ୍ପଷ୍ଟ କରିନଥିଲେ। ଏବେ ଭାରତରେ ଏହି ଆଇନ ପ୍ରଚଳନ ହେଲେ ମଧ୍ୟ ଏହା ସମସ୍ତଙ୍କ ଉପରେ ଲାଗୁ ହେବ ନାହିଁ। କାରଣ ଭାରତରେ ହିନ୍ଦୁ, ଜୈନ, ବୌଦ୍ଧ, ଶିଖମାନଙ୍କ ପାଇଁ ସିଭିଲ ମାମଲାରେ ଯେଉଁ ଆଇନ ଅଛି, ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କ ପାଇଁ ସେହି ବିଷୟରେ ଅଲଗା ଆଇନ ଅଛି, ଯାହାକି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମୟରେ ପାରିତ ହୋଇଥିଲା। ଖ୍ରୀଷ୍ଟିଆନ ଓ ମୁସଲମାନଙ୍କ ପାଇଁ 'ପର୍ସନାଲ ଲ' କାମ କରୁଅଛି। ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କର ସମ୍ପତି ବଂଟନ, ବିବାହ ଓ ତଲାକ ସଂପର୍କରେ କିପରି ଆଇନ ହେବ ତାହା ତାଙ୍କର Personal Law ତିଆରି କରିବ । ଝିଅମାନଙ୍କର ବିବାହ ବୟସ ପରିବର୍ତନ ପାଇଁ ସରକାର ଯେଉଁ ଆଇନ ଆଣୁଛନ୍ତି ତାହା ସଂସଦରେ ପାରିତ ହୋଇ ଆଇନ୍‌ରେ ପରିଣତ ହେଲେ ମଧ୍ୟ ମୁସଲମାନଙ୍କ ପାଇଁ ଲାଗୁ ହେବ ନାହିଁ । ତାଙ୍କର Personal Law ଦ୍ୱାରା ସ୍ଥିର ହୋଇଥିବା ୧୫ ବର୍ଷ ହିଁ ରହିବ । ଆଜିବି ମୁସଲମାନ ଝିଅମାନେ ୧୫ ବର୍ଷ ବୟସରେ ବିବାହ କରୁଛନ୍ତି । ଏହା ମଧ୍ୟ ଆଇନ୍‌ସମ୍ମତ ବା ବୈଧ ରୂପରେ ପରିଗଣିତ ହେଉଛି । ଏହି ଆଇନ ସମସ୍ତ ଧର୍ମ ଓ ବର୍ଗ ପାଇଁ ଲାଗୁ ହେବାକୁ ହେଲେ ଅନ୍ୟ ଧର୍ମର ଲୋକମାନଙ୍କ ପାଇଁ ଥିବା Personal Lawର ସଂଶୋଧନ ପାଇଁ ମଧ୍ୟ ପ୍ରସ୍ତାବ ଅଣାଯିବ।

୨୦୧୧ ଜନଗଣନାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଭାରତରେ ଝିଅମାନଙ୍କର ବିବାହ ବୟସ ଆଇନ ଅନୁସାରେ ୧୮ ବର୍ଷ ହୋଇଥିଲେ ମଧ୍ୟ ପ୍ରାୟ ସେମାନେ ହାରାହାରି ୨୧ ବର୍ଷ ପରେ ବିବାହ ହେଉଛନ୍ତି। ସହର ଓ ଗ୍ରାମ ଭିତରେ ମଧ୍ୟ ଏହାର ପାର୍ଥକ୍ୟ ରହିଛି। ଗ୍ରାମାଂଚଳରେ ପ୍ରାୟ ହାରାହାରି ଏହି ବୟସ ୨୦ ବର୍ଷ ୭ ମାସ ହୋଇଥିବା ବେଳେ ସହରାଚଂଳରେ ଏହା ୨୨ ବର୍ଷ ୭ ମାସ। ଆଇନ ଅନୁସାରେ ଆମ ଦେଶରେ ପୁଅମାନଙ୍କର ବିବାହ ବୟସ ୨୧ ବର୍ଷ ହୋଇଥିଲେ ମଧ୍ୟ ସେମାନେ ପ୍ରାୟ ୨୩ ବର୍ଷ ପରେ ବିବାହ କରୁଛନ୍ତି । ସମାଜରେ ତ ଏହିପରି ଚାଲିଛି । କେବଳ ସରକାର ଯଦି ଝିଅମାନଙ୍କର ବିବାହ ବୟସ ଆଇନ ଅନୁସାରେ ପରିବର୍ତନ କରନ୍ତି, ତେବେ ସମାଜରେ ବିଶାଳ ପରିବର୍ତନ ହେବ। ଝିଅମାନଙ୍କର ମନୋବଳ ବଢିବ।

କେନ୍ଦ୍ର ସରକାରଙ୍କର ଏହି ପଦକ୍ଷେପକୁ କେହି କେହି ସମାଲୋଚନା କରୁଛନ୍ତି ତ କେହି କେହି ସ୍ୱାଗତ କରୁଛନ୍ତି । ଅନେକ କହୁଛନ୍ତି ସରକାରଙ୍କ ଏହି ନିଷ୍ପତି ପ୍ରହସନ ଭଳି ମନେହେଉଛି । ଏକ ଗରିବ ବା ନିମ୍ନ ମଧ୍ୟବିତ ପରିବାରରେ କିଏ ବା ବଢିଲା ଝିଅକୁ ଘରେ ଏତେଦିନ ପର୍ଯ୍ୟନ୍ତ ବସାଇ ରଖିବାକୁ ଚାହିଁବ ? ଏହି ଆଇନ କେବଳ ଧନୀକ ବର୍ଗକୁ ସୁହାଇବ । ୧୮ ବର୍ଷରେ ଜଣେ ଦେଶର ନାଗରିକ ହୋଇ ୱାଡମେମ୍ବରଠାରୁ ଆରମ୍ଭ କରି ସାଂସଦ ହୋଇପାରୁଛନ୍ତି । ତେବେ ୧୮ ବର୍ଷରେ ବିବାହ କରିବା କ୍ଷତି କ'ଣ ? ରୁଷିଆ, ଜାପାନ, ଚୀନ, ବ୍ରିଟେନ ଭଳି ବିକଶିତ ଦେଶରେ ଝିଅମାନେ ୧୬ ବର୍ଷ ବୟସରୁ ବିବାହ କରୁଛନ୍ତି । ତେଣୁ ଆମ ଦେଶରେ ଝିଅମାନଙ୍କର ବିବାହ ବୟସ ପରିବର୍ତନ ହୋଇ ୧୮ରୁ ୨୧ ହୋଇଗଲେ ସେମିତି କିଛି ହେବନାହିଁ ।

ଏହି ନିଷ୍ପତି ବହୁ ଆଗରୁ ନିଆଯାଇଥିଲେ ଆହୁରି ଭଲ ହୋଇଥା'ନ୍ତା ବୋଲି କିଛି ଲୋକ ମତ ଦେଉଛନ୍ତି । କାରଣ ୧୮ ବର୍ଷରେ ଝିଅଟି ବିବାହ କରିବା ଦ୍ୱାରା ସେ ବିଭିନ୍ନ ସ୍ୱାସ୍ଥ୍ୟଗତ ଓ ମାନସିକ ସମସ୍ୟା ଦେଇ ଗତି କରୁଥିଲା । ଉଚ୍ଚଶିକ୍ଷାରୁ ବଂଚିତ ହେଉଥିଲା । ଝିଅଟି ମା' ହେବା ଦ୍ୱାରା ଉଭୟ ମା' ଓ ପିଲାଙ୍କୁ ଠିକ୍‌ଭାବେ ପୋଷଣ ମିଳିପାରେନାହିଁ । ଯାହାଫଳରେ ନିଜଠାରୁ ଜନ୍ମିତ ଶିଶୁର ସ୍ୱାସ୍ଥ୍ୟକୁ ବିପଦକୁ ଠେଲି ଦେଉଥିଲା । ୨୧ ବର୍ଷ ହିଁ ବିବାହ ପାଇଁ ଉପଯୁକ୍ତ ବୟସ । ଏହି ବୟସରେ ଝିଅଟିଏ ଉଭୟ ଶାରୀରିକ ଓ ମାନସିକସ୍ତରରେ ସଂପୂର୍ଣ୍ଣ ପ୍ରସ୍ତୁତ ଓ ସକ୍ଷମ ହୋଇଥାଏ । ଝିଅଟି ୨୧ ବର୍ଷ ବୟସରେ ବିବାହ କଲେ ନିଜ ଭବିଷ୍ୟତ ଜୀବନକୁ ସମୃଦ୍ଧ କରିବାରେ ସହାୟକ ହେବ, ଜୀବନର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଜେ ନେଇପାରିବ । କେନ୍ଦ୍ର ସରକାରଙ୍କ ଏହି ଯୁଗାନ୍ତକାରୀ ନିଷ୍ପତି ମହିଳାଙ୍କ ପାଇଁ ସ୍ୱାବଲମ୍ବୀ ହେବାର ପଥ ପରିଷ୍କାର କରିଦେବ ।

***-ଘିଗିଡିଆ, ବାରୁଅ, କେନ୍ଦ୍ରାପଡା ମୋ-୯୮୬୧୦୨୮୫୫୩***




# ସାହିତ୍ୟ ଦର୍ପଣ

ତିନିଟି ମିନି କଥା



ଅନସୂୟା ପଣ୍ଡା

## ଅଜବ ଦୁଃଖ

ତିନିଟି ମୁଷା ସାଙ୍ଗ ହେଇ ରୁହନ୍ତି ସହର ମଝିଆମଝି ଥିବା ତେଜେରାତି ଦୋକାନ ପାଖରେ। ସବୁ ବର୍ଗର, ସବୁ ଧର୍ମର ଲୋକ ଆସି ସଉଦା ନିଅନ୍ତି ଦୋକାନଟାରୁ। ଗପର ଆସର କିଛି ସମୟ ଜମାନ୍ତି। କିଏ କହେ ଦୁନିଆରେ ଆଲ୍ଲା ସବୁ କରୁଛନ୍ତି, କରୋଉଛନ୍ତି। କିଏ କହେ ଯୀଶୁ ସବୁ ଦେଖୁଛନ୍ତି, କରୁଛନ୍ତି । କିଏ କହେ ଜୈନ। ଏମିତି ବିଭିନ୍ନ ଧର୍ମର ଲୋକ ନିଜ ନିଜ ପ୍ରଭୁଙ୍କ ଗୁଣଗାନ କରନ୍ତି। ଏତେ ପ୍ରଶଂସା ଶୁଣି ଶୁଣି, ମୁଷା ତିନିଟି ସ୍ଥିର କଲେ, ରାତି ହେଲେ ଯିବେ ସବୁ ଧର୍ମର ଠାକୁରଙ୍କ ପାଖକୁ। ଆଉ ଦେଖିବେ କିଏ କେତେବେଳେ ଏତେ ସବୁ କାମ କରୁଛନ୍ତି। ରାତିରେ ଚାଲିଲେ ଧର୍ମଗୃହ ଆଡେ। ଦେଖିଲେ ସବୁ ଧର୍ମର ଠାକୁର ମାନେ ଏକାଠି ହେଇ ଗୋଟିଏ ସ୍ଥାନରେ କାନ୍ଦୁଛନ୍ତି। ଅବଶେଷରେ, ନିଜ ନିଜ ଭକ୍ତମାନଙ୍କ ଦୁଷ୍କର୍ମରେ, ଭାରି ଚିନ୍ତିତ ହେଇ କହିପକାଇଲେ, ଯେତେ ଦଣ୍ଡ ଦେଲେବି ସେମାନେ ବଦଳିବାର ନାଁ ଧରୁନାହାନ୍ତି। ବେଶି ବେଶୀ ଦାନ, ପୂଜା ଓ ନୈବେଦ୍ୟ ଦେଇ, ନୂଆ ନୂଆ ଅପକର୍ମ କରିବାରେ ଲାଗି ପଡୁଛନ୍ତି। ଆଉ କହୁଛନ୍ତି ଅଧା ପାପର ଭାଗ ତୁମ ଦାନବାକ୍ସରେ ପକେଇ ଦେଲୁ ...।

## ଟିକସ

ସବୁବେଳେ ବାପାମାଆ କହନ୍ତି, "ମୋତେ, ବାପାରେ ମୋବାଇଲରେ ଖେଳେନା। ଯାଉନୁ ବାହାରେ ଖେଳି ଆସିବୁ। ସାଙ୍ଗମାନଙ୍କ ସାଙ୍ଗରେ। ନ ହେଲେ ଟିକେ ଗପସପ କରିକି ଆସିଯିବୁ। ତଥାପି ଯଦି ନ ଯିବୁ, ତେବେ ଆସେ, ତୋର ମୋର ମିଶିକରି ଖେଳିବା"। କିନ୍ତୁ କିଛି ଶୁଣନ୍ତିନି ଏ ପିଲା ମାନେ। ମାଙ୍କଡ ପରି ଲଟକିଥାନ୍ତି ମୋବାଇଲଟିରେ। ଦେଖିଲି ମୋବାଇଲରେ ଭାଇରାଲ ହେଉଛି, ଗୋଟେ ୧୭ କି ୧୮ ବର୍ଷ ପିଲାଟିର ଭିଡିଓ। ଗୋଡରେ ଓ ହାତରେ ତାର କଡି ପଡିଛି। ଗୋଟେ ପଥରକୁ ମୋବାଇଲ ପରି ଭାବି, ତାକୁହିଁ ଧରି ଚିତ୍କାର କରୁଛି, "ସାପ ଖାଇଦବ ...ଖାଇଦବ"। ଆଉ ଧୂଳିମାଟିରେ ଗଡିଯାଉଛି। ମୋବାଇଲରେ ବହୁତ ଖେଳି ଖେଳି ପାଗଳ ଭଳି ହେଇଯାଇଛି। ମନଟା ଭାରି ବିକଳ ଲାଗିଲା। ଇଚ୍ଛା ହେଲା, ମୋବାଇଲ ଗେମ୍ ପାଇଁ ଯାହା ଆପ୍ସ ଅଛି, ସବୁକୁ ବ୍ୟାନ୍(ବନ୍ଦ )କରିଦିଅନ୍ତେ ନି ସରକାର । କିନ୍ତୁ ମଦ ଦୋକାନରୁ ମିଳୁଥିବା ଟିକସ ପରି, ଏ ସବୁ ଆପ୍ସରୁ ବି ବହୁତ ଟିକସ ମିଳେ। ଲାଭବାନ ହୁଏ ଦେଶ ଦୁନିଆ ଓ ସରକାର। ପୋଡି ଜଳି ଯାଉ ପଛେ ପିଲାଙ୍କ ଭବିଷ୍ୟତ ।

## ଭୁଲିଗଲେ

୧୯୯୯ ମହାବାତ୍ୟାର ତାଣ୍ଡବ ବି ଏ ଭୟଙ୍କର କରୋନାପରି ରୁକ୍ଷ ଆଉ କଠୋର ଦଣ୍ଡ ଥିଲା ସ୍ରଷ୍ଟାଙ୍କର। ଦଶହରା ପରର କଥା। ସବୁଠୁ ବେଶୀ ପୀଡିତ ଥିଲେ ଜଗତସିଂପୁର ଉପକୂଳ ପଞ୍ଚାୟତର ଲୋକେ। କିଏ କେତେ ମରିଥିଲେ ତାର ସଠିକ୍ ଆକଳନ ହେଇପାରିନଥିଲା ପରି ଲାଗେ। କୋଡିଏ ପଚିଶ ଫୁଟର ଲୁଣିପାଣି ମାଡିଆସିଲା। ଭସେଇନେଲା ପୁରା ଗାଁକୁ। କିଏ କେଉଁଠି ଭଗବାନଙ୍କର କୃପାରୁ ବଞ୍ଚିଗଲେ ସମୁଦ୍ରର ସର୍ବଗିଳା ପାଟିରୁ। ଭାରି ମନେପଡନ୍ତି ସେତେବେଳେ ଉତ୍କଳମଣି ଗୋପବନ୍ଧୁ। ମହା ପ୍ରଳୟ ପରେ ବି ଅଧା ଭଙ୍ଗା ଗଛ ଦେହରେ ପୁଣି ପତ୍ର କଅଁଳିବାର ପ୍ରୟାସ କଲା। ଜନ୍ମମାଟିର ସମ୍ମୋହନରେ, ପୁଣିବି ସମୁଦ୍ର ମାଡିଆସିବାର ସମ୍ଭାବନା ଥିବା ସତ୍ତ୍ୱେ, ସେଇଠି ପୁଣି ନୂଆ ଗାଁ ଗଢି ଉଠିଲା ଏ ଅଦ୍ଭୁତ ସୃଷ୍ଟିର ନିୟମ। କେତେ ରାଜ୍ୟ ଆଉ କେତେ ଦେଶ ଆଗେଇ ଆସିଲେ ଗାଁ ଟିକୁ ପୋଷ୍ୟ କରିନେବାକୁ ଓ ସାହାଯ୍ୟ କରିବାକୁ । ରିଲିଫ ସାମଗ୍ରୀ ପହଞ୍ଚିଲା ଘରେ ଘରେ। ଘର ଓ ରାସ୍ତା ସବୁ ପକ୍କା ହୋଇଗଲା । ସବୁଠାରୁ ବଡକଥା ହେଲା, ସେହିବର୍ଷ ବଡଦିନ ବେଳକୁ ଭଲ ଯାତ୍ରାପାର୍ଟି ଆସି, ଗାଁରେ ହାଜର। ଲୋକମାନେ ପୁରା ଭୁଲିଗଲେ ଗୋପବନ୍ଧୁଙ୍କୁ ଆଉ ବାତ୍ୟା କଷ୍ଟକୁ । ଏବେ କରୋନା ଦାଉରେ କିନ୍ତୁ ଯାତ୍ରାପାର୍ଟି ପ୍ରାୟ ବର୍ଷେ ? ହେଲାଣି ଗାଁକୁ ଆସିପାରିନି ।

ଇଞ୍ଜିନିୟରିଂ କଲେଜ,
ବୁର୍ଲା, ସମ୍ବଲପୁର,
ମୋ:-୯୪୩୯୨୧୧୯୭୧

## ନାଥ ମଉସା

ଲିପୁ ମହାରଣା

ସେଦିନ ଝିପିଝିପି ବର୍ଷା ପାଗ ହୋଇଥାଏ, ଅକ୍ଷୟ ଅନେକ ଦିନର ସହରରେ ରହଣି ପରେ ସହର ରୁ ଘରକୁ ଫେରୁଥାଏ ହଠାତ ତା ନଜର ରେ ପଡ଼ିଯାଏ ତା ଗାଁ ପାଖ ଛକ ଉପରେ ଥିବା ଗୋଟିଏ ଭଙ୍ଗା ଚାଳ ଛପର କୁଡ଼ିଆ ଉପରେ , କୁଡ଼ିଆ ଟିର ସାହାରା କହିଲେ ମାତ୍ର ଚାରୋଟି ଖୁଣ୍ଟି । ସେଇ ଦଦରା କୁଡ଼ିଆ ଟିରେ ଭାରି ଭିଡ ଲାଗିଥାଏ ତା ସହିତ ସେଇ କୁଡ଼ିଆ ଟି ରୁ ଛୁଟି ଆସୁଥାଏ ଗରମ ଗରମ ପକୁଡି ର ବାସ୍ନା ଲାଗୁଥାଏ ସତେ ଯେମିତି ସେଇ ପକୁଡି ର ବାସ୍ନା ସମଗ୍ର ରାସ୍ତା କୁ କବ୍ଜା କରି ରଖିଛି । ଏମିତି ବର୍ଷା ପାଗରେ ଗରମ ପକୁଡି ର ବାସ୍ନା ସମସ୍ତଙ୍କୁ ମହନୀ କଲା ଭଳି ଟାଣି ନେଉଛି ସେ କୁଡ଼ିଆ ଆଡକୁ ଅକ୍ଷୟ ବା ସେଥିରୁ ବର୍ତ୍ତିବ କିପରି ? ଅକ୍ଷୟ ଗାଁ କୁ ଯିବା ରେ ଡେରି ହେଉଥିଲେ ବି ତା ମନ ଲାଖି ଯାଇଥିଲା ସେଇ ପକୁଡି ରେ । ଅକ୍ଷୟ ଗାଡି ଟିକୁ ରାସ୍ତା କଡ଼ ରେ ରଖି ଦେଇ ପକୁଡି ପାଇଁ ପସିଯାଏ ସେଇ କୁଡ଼ିଆ ଭିତରେ ଦେଖେ ପ୍ରାୟ ଅଶି ବର୍ଷର ବୁଢା ଟିଏ ହାତଗୋଡ ରେ ମାଂସ ପୁଳାଏ ନାହିଁ, ପଞ୍ଜରା ସବୁ ଗଣି ହେଇଯାଉଛି ବୟସ ର ବାର୍ଦ୍ଧକ୍ୟତା ବୁଢ଼ାଟିର ଅଣ୍ଟା ଉପରେ ଛେଚି ହେଇପଡ଼ିଚି ତଥାପି ନିଜ ପେଟ ପୋଷିବା ପାଇଁ ବୁଢା ଟି ବସି ପକୁଡି ଛାଣିବାରେ ଲାଗିଛି । ବୁଢା ର ଚେହେରା ଅକ୍ଷୟ କୁ ଚିନ୍ହା ଚିନ୍ହା ଲାଗୁଥାଏ ଆରେ ! ଏ ତ ଅକ୍ଷୟ ର ସେଇ ପିଲା ଦିନର ନାଥ ମଉସା ! ନାଥ ମଉସା କହିଲେ ଏ ମଧୁପୁର ଅଂଚଳ ରେ କିଏବା ନଜାଣେ । ପକୁଡି କଥା ପଡିଲା ମାନେ ସମସ୍ତେ ନାଥ ମଉସା ଙ୍କ କଥା ମନେ ପକାନ୍ତି ମଉସା ଙ୍କ ପକୁଡି ଥରେ ଯା ପାଟିରେ ଲାଗିଛି ସେ ଜୀବନ ସାରା ନାଥ ମଉସା ଙ୍କୁ ମନେ ରଖିଛି । ନାଥ ମଉସା ଧନ ରେ ଗରିବ ହେଇଥାଇପାରନ୍ତି ସେ କିନ୍ତୁ ମନରେ ବହୁତ ଧନୀ ସେ ନିଜ ସ୍ୱାଭିମାନ ପାଇଁ କେବେ କାହା ପାଖରେ ଆଜି ଯାଏଁ ହାତ ପତାଇ ନାହାନ୍ତି, ଅନ୍ୟ ପାଇଁ ନିଜର ସ୍ୱାର୍ଥ ନରଖି ସମସ୍ତଙ୍କୁ ନିସ୍ୱାର୍ଥପର ଭାବେ ସାହାଯ୍ୟ କରନ୍ତି । କିଏ ପଇସା ନ ଧରି ତାଙ୍କ ଦୋକାନ କୁ ଗଲେ ବି କାହାକୁ ସେ ନିରାଶ କେବେ କରନ୍ତିନି । ଅକ୍ଷୟ ଏତେ ଦିନ ପ ମଉସା ଙ୍କୁ ଦେଖି ଭାରି ଖୁସି ହେଇଯାଏ ଖୁସିରେ ଯାଇ ମଉସା ଙ୍କ ଗୋଡ କୁ ଅକ୍ଷୟ ଛୁଇଁ ଦେଇ କହେ ମଉସା !ଆପଣ ମତେ ଚିନ୍ହି ପାରିଲେ ? ମଉସା ବି ଟିକିଏ ନିରେଖି ଦେଖନ୍ତି ଆରେ ! ତୁ ପରା ଆମ ଅକ୍ଷୟ କେଡୁଟିଏ ହେଇଗଲୁଣୁ ଆ ବସ ମଉସା ଅକ୍ଷୟ କୁ ସବୁ କଥା ପଚ଼ାରି ବୁଝନ୍ତି ଏସବୁ ଭିତରେ ଅକ୍ଷୟ ର ମନେ ପଡ଼ିଯାଏ ସେଇ ପିଲାଦିନ ର ସ୍କୁଲ ବେଳର କଥା.. ।

ଅକ୍ଷୟ ପ୍ରତିଦିନ ସ୍କୁଲ ରେ ଖାଇବା ଛୁଟି ହେଲେ ନାଥ ମଉସା ଙ୍କ ଦୋକାନ କୁ ଯାଏ ଆଉ ନାଥ ମଉସା ଙ୍କ ପକୁଡି ମନ ଭରି ଖାଏ ।ଦିନେ ଅକ୍ଷୟ ମଉସାଙ୍କ ଦୋକାନ କୁ ଯାଇନଥାଏ ମଉସା ଅକ୍ଷୟ ର ବାଟ ଚାହିଁ ବସିଥାନ୍ତି କିନ୍ତୁ ଅକ୍ଷୟ ଆସେନି ମଉସା ଟିକେ ବ୍ୟସ୍ତ ହୋଇ ଦୋକାନ ବାହାର କୁ ଆସି ଟିକେ ଚାରିଆଡେ ନଜର ପକାନ୍ତି ହେଲେ ଅକ୍ଷୟ କାହିଁକି ଆଜି ଦୋକାନ ପିଣ୍ଡା ରେ ମୁହଁ ଶୁଖେଇ ବସିଛି ମଉସା ପଚ଼ାରନ୍ତି କିରେ ! ଅକ୍ଷୟ କଣ ହେଇଚି ତୋର ଆଜି କାଇଁ ଦୋକାନ କୁ ଆସିନୁ ଉତ୍ତର ରେ ଅକ୍ଷୟ କହେ ନାଇଁ ମଉସା ବୋଉ ଆଜି ପଇସା ଦେଇନି ଆଜି ମୁଁ ପକୁଡି ଖାଇପାରିବିନି । .. ମଉସା ଟିକେ ହସିଦିଅନ୍ତି ଆଉ ଅକ୍ଷୟ କୁ ଦୋକାନ କୁ ନେଇଯାଇ ମନଭରି ପକୁଡି ଖାଇବାକୁ ଦିଅନ୍ତି.. ଖାଲି ଅକ୍ଷୟ ର କୁନି ଓଠ ରେ ଟିକିଏ ହସ ଦେଖିବା ପାଇଁ । କିନ୍ତୁ ଆଜି ମଉସା ଙ୍କୁ ବୟସ ଆସି ଏତେ ହେଲାନି କିନ୍ତୁ ଏ ବୟସ ରେ ସେ ? ଅକ୍ଷୟ ଆଉ ନିଜ କୁ ରୋକି ନପାରି ପଚ଼ାରେ ମଉସା ଆପଣ ଏତେ ବୟସ ରେ ବି ଖଟୁଛନ୍ତି ଆପଣ ଘରେ ଟିକେ ବିଶ୍ରାମ ନେଉନାହାନ୍ତି । ଅକ୍ଷୟ ର ପ୍ରଶ୍ନ ରେ ମଉସା ଙ୍କ ଆଖି ଟିକେ ଟିକେ ଛଳ ଛଳ ହେଇଯାଏ ମଉସା ନିଜ ଗାମୁଛା ଟି ରେ ଆଖି ପୋଛିପକାନ୍ତି ଆଉ କୁହନ୍ତି ପୁଅ ଘରୁ କାଢି ଦେଲା ବୋଲି କଣ ମୁଁ କଣ ଭିକ ମାଗିବି ? ନା ସେ ସିନା ଅଧା ଖଣ୍ଡିଆ କାଳିଆ ଠାକୁର ହେଲେ ମତେ ହାତ ଗୋଡ ଦେଇଛି ମୁଁ କାହା ଆଗରେ ମୁଣ୍ଡ ନୁଆଇବି ନାଇଁ ମରଦ ଛୁଆ ମୁଁ ଖଟିବି ଖାଇବି ମଉସା ଙ୍କ ଏପରି କଥା ଶୁଣି ଅକ୍ଷୟ ବି ଆଖି ଛଳ ଛଳ କରିପକାଏ ହେଲେ ସମୟ ଆସି ବହୁତ ହେଲାନି ଅକ୍ଷୟ...ମଉସା ଙ୍କୁ ବିଦାୟ ମାଗି ସେଠାରୁ ଚାଲି ଆସେ । ସେଦିନ ରାତିରେ ଅକ୍ଷୟ ର ମନ ରେ ମଉସା ଙ୍କ କଥା ବାରମ୍ବାର ଉଙ୍କି ମାରୁଥାଏ ଯେଉଁ ନାଥ ମଉସା ଦିନେ ତାର ଟିକିଏ ଖୁସି ପାଇଁ ତାକୁ ପକୁଡି ମନଭରି ଖାଇବାକୁ ଦେଇଥିଲେ ଏତେ ଦିନ ପରେ ଟିକେ ଦେଖା ହେଲା ଯେ ସେ ତାଙ୍କ ଖୁସି ପାଇଁ କିଛି କରିପାରିଲାନି ।ଏକଥା ଭାବି ଭାବି ଅକ୍ଷୟ ମନରେ ଚିନ୍ତା କରେ ପରଦିନ ସକାଳୁ ସେ ମଉସା ଙ୍କ ଦୋକାନ କୁ ଯିବ ମଉସାଙ୍କୁ କିଛି ଟଙ୍କା ସାହାଯ୍ୟ କରିବ ଆଉ ମଉସାଙ୍କ ହାତ ର ପକୁଡି ମନଭରି ଖାଇବ । ସକାଳୁ ସକାଳୁ ଅକ୍ଷୟ ବାହାରି ପଡେ ନାଥ ମଉସା ଙ୍କ ଦୋକାନ ଆଡକୁ । ଦୋକାନ ରେ ପହଂଚି ଦେଖେ ଭାରି ଗହଳି ଲାଗିଛି ଅକ୍ଷୟ ମନେ ମନେ ଭାବେ ଆଜି ଆଉ ନାଥ ମଉସାଙ୍କ ପକୁଡି ତାକୁ ମିଳିବନି ବୋଧେ ଆଜି ତାକୁ ଖାଲି ପେଟରେ ଫେରିବାକୁ ପଡିବ ଏତିକି ଭାବି ଭାବି ଅକ୍ଷୟ ଯାଇ ପହଞ୍ଚ ? ମଉସା ଙ୍କ ପାଖରେ । କଡେଇ ରେ ପକୁଡି ପଡିଛି ମଉସା ପାଖ କାନ୍ଥ କୁ ଆଉଜି ଯାଇଛନ୍ତି ଦୁଇ ଚାରି ଲୋକ ମଉସା ଙ୍କୁ ଆଉଜି ଧରିଛନ୍ତି କଣ ହେଇଚି ? ଏଣେ ମଉସା ବି ଅକ୍ଷୟ କୁ କିଛି ବି କହୁନାହାନ୍ତି ଆରେ ଆରେ ପକୁଡି ବି ପୋଡି ଆସିଲାଣି ମଉସା ଆଉ କଡେଇ ରୁ ପକୁଡି ବି କାଢୁନାହାନ୍ତି କାରଣ ନାଥ ମଉସା ଆଉ ନାହାନ୍ତି ଅକ୍ଷୟ ଆସିବା ଆଗରୁ ମଉସା ହୃଦଘାତ ରେ ଚାଲିଗଲେଣି ।

ଅକ୍ଷୟ ପୁର ସ୍ତବ୍ଧ ହୋଇଯାଏ ମଉସା ଙ୍କ ମୁହଁ ରେ ହସ ଟିକେ ଦେଖିବା ସ୍ୱପ୍ନ.. ତା'ର ସ୍ୱପ୍ନ ରେ ହିଁ ରହିଯାଏ ଶେଷରେ ଅକ୍ଷୟ ମନ ଦୁଃଖରେ ଫେରିଆସେ ।

ଥଏଠି ତ ସମସ୍ତେ ସୋସିଆଲ ମିଡ଼ିଆ ରେ କ୍ଷବକ୍କକ୍ରଛ ଲବକ୍ଷଷରକ୍ଷକ୍ଷ ଯବଛ ପାଳନ କରୁଛନ୍ତି ହେଲେ ବାସ୍ତବ ରେ କିଏ ବାପା ଙ୍କ ଖୁସି ପାଇଁ ନିଜ କୁ ସମର୍ପିତ କରୁଛି ? ନିଜ ନିଜ ଅଂଚ଼ଳ ରେ ଟିକେ ଖୋଜି ନେଲେ ନାଥ ମଉସା ଙ୍କ ଭଳି ଅନେକ ମିଳିବେ ଯଦି ପୁଅ ତା କର୍ତ୍ତବ୍ୟ କରିଥାନ୍ତା ତାହେଲେ ଆଜି ଏମିତି ସହ ସହ ବୃଦ୍ଧାଶ୍ରମ ର ଆବଶ୍ୟକତା ପଡୁନଥାନ୍ତା ।

## ଅପ୍ରତିହତ



ସୁଷମା ପରିଜା

ଆସନ୍ତାକାଲି ପାଇଁ ଆୟକର ଖିଲାପକାରୀ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଅର୍ଡର୍ ରେ ଦସ୍ତଖତ କରିସାରି ସଂଲଗ୍ନ ନାମତାଲିକା ଟି ଉପରେ ଆଖି ବୁଲେଇ ଆଣିଲେ ସୁନୟନା । ଆଖି ଅଟକିଗଲା ପଞ୍ଚମ ସ୍ଥାନ ରେ ଥିବା ନାମଟି ଉପରେ- ସମୀରଣ ସାହୁ- କଣ୍ଟ୍ରାକ୍ଟର- ଭରତପୁର ।ତାଙ୍କ ଆଖିରେ ନାଚିଗଲା କୋଡିଏ ବର୍ଷ ତଳର ଦୃଶ୍ୟଟିଏ। ଷୋହଳ ବର୍ଷ ର ଅସହାୟ ପିଲାଟିଏ ସେଦିନ ରାତିରେ ଠିକାଦାର ର ତମ୍ବୁ ଭିତରେ ଭୋଗିଥିବା ଅସହ୍ୟ ଯନ୍ତ୍ରଣା ଆଉ ଅକଥନୀୟ ଅତ୍ୟାଚାର।

କିଶୋର ବୟସ ରେ ତା'ର ପରିବର୍ତ୍ତିତ ରଙ୍ଗଢଙ୍ଗ ଯୋଗୁଁ ସ୍କୁଲ୍ ରେ ସାଙ୍ଗସାଥୀଙ୍କ ପରିହାସ ସହିତ ପରିବାରର ଖାପ ଛଡା ବ୍ୟବହାରରେ ଅତିଷ୍ଠ ହୋଇ ପଡୁଥିଲା ନବୀନ ।ତା' ବୟସର ପୁଅ ମାନଙ୍କ ଭଳି ପାଠ ପଢା, ଖେଳକୁଦ କେଉଁଥିରେ ମନ ଲାଗୁନଥିଲା ତା'ର। ସର୍ବଦା ଅନ୍ୟମନସ୍କ ରହୁଥିଲା । ମାଟ୍ରିକ ପରୀକ୍ଷା ରେ ଫେଲ୍ ହେବାରୁ ବାପା ଆଉ ବଡଭାଇ ଙ୍କ ଠୁ ମାଡ ଗାଳି ଖାଇ ରାଗ ଅଭିମାନରେ ଦୁଇଦିନ ଆଗରୁ ଘରୁ ବାହାରି ଆସିଥିଲା ସେ ଦିନର କିଶୋର ନବୀନ। ଚାଲି ଚାଲି ପହଞ୍ଚି ଥିଲା ନିକଟସ୍ଥ ରେଳ ଷ୍ଟେସନ ରେ। ପକେଟ୍ ରେ ଥିବା ପନ୍ଦର ଟଙ୍କା ଗୋଟିଏ ଦିନର ଭୋକ ମେଣ୍ଟାଇବାରେ ସମର୍ଥ ହୋଇନଥିଲା। କାଲରୁ ପେଟି ପାଣି ପିଇ ସେଇଠି ପ୍ଲାଟଫର୍ମ୍ ଉପରେ ଶୋଇ ପଡିଥିଲା ବେଳେ ଜଣେ କିଛି ମାଲପତ୍ର ବୋହିବାକୁ ଡାକିଥିଲେ। ଭୋକ ବିକଳରେ ସେ ଧାଇଁ ଯାଇଥିଲା । ସେମିତି ବୋଲହାକ କରୁ କରୁ ଠିକା ମଜୁରୀ ରେ ଲାଗିଥିଲା। ସେତିକି ବେଳେ ଦିନେ ଏଇ ସମୀର ଠିକାଦାର ର ଦୃଷ୍ଟି ରେ ପଡିଥିଲା ସିଏ ଆଉ ସେଦିନ ଠିକାଦାର ସଲାସୁତୁରା କରି ଡାକି ନେଇଥିଲା ତା' ତମ୍ବୁ ଭିତରକୁ । ଜୋର୍ ଜବରଦସ୍ତି କରି ପଶୁ ପରି ଝୁଣି ଖାଇଯାଇଥିଲା ତା'କୁ । କେତେଥର କିଏ ଜାଣେ ? ଅସହ୍ୟ ଯନ୍ତ୍ରଣା ରେ ଅଚେତ୍ ହୋଇଯାଇଥିଲା ନବୀନ।ସମୀର ଠିକାଦାର ର କେହି ବୋଲକରା ବୋଧହୁଏ ଆଣି ଫୋପାଡି ଦେଇ ଯାଇଥିଲା ରେଳ ଲାଇନ୍ କଡରେ ।ରାତିରେ ସେଇ ବାଟ ଦେଇ ଯାଉଥିବା ରାଧା କିନ୍ନର ଙ୍କ ଦୃଷ୍ଟି ପଡିଥିଲା ତା' ଉପରେ। ଅଭିଜ୍ଞ ଦୃଷ୍ଟି ରେ ସେ ଅନୁମାନ କରି ନେଇଥିଲେ ତା'ର ଅବସ୍ଥା ଆଉ ତାଙ୍କ ସାଥିରେ ନେଇ ଆସିଥିଲେ ଭୁବନେଶ୍ୱର ।ନବୀନ ରୁ ସୁନୟନା ରେ ପରିବର୍ତ୍ତିତ ହୋଇଥିଲା ତାଙ୍କ ପାଖରେ ରହିବା ଭିତରେ । ପାଠପଢାରେ ତା'ର ଆଗ୍ରହ ଦେଖି ରାଧା ମା' ତା'କୁ ଉତ୍ସାହିତ କରିଥିଲେ ଆଉଥରେ ପାଠ ପଢା ଆରମ୍ଭ କରିବାକୁ । ନିଜକୁ ପ୍ରତିପାଦିତ କରିବା ପାଇଁ ଜୀବନପ୍ରାଣ ଦେଇ ଚେଷ୍ଟା କରିଥିଲା ସୁନୟନା। ଉଚ୍ଚତର ଶିକ୍ଷା ପାଇବା ପାଇଁ ମୀରା ମା' ର ପରାମର୍ଶ ରେ ରାତିରେ ଧନ୍ଦା ମଧ୍ୟ କରିଥିଲା । ଆଜି ସେଇ ପରିଶ୍ରମ ଫଳରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇ ସେ ହୋଇଛି ଆୟକର ବିଭାଗର ଅଧିକାରୀ । ଅନେକ ପଛରେ ଛାଡି ଦେଇ ଆସିଛି ତା'ର ସେଇ ଅତୀତ ର କାଳିମା କୁ। ଏବେ ସମାଜରେ ନିଜକୁ ପ୍ରତିପାଦିତ କରି ପାରିଛି ସେ। ସମୀରଣ ସାହୁ କଣ୍ଟ୍ରାକ୍ଟର୍ ପାଇଁ କଠୋର ଦଣ୍ଡାଦେଶ ଟିଏ ଦେଇ ଫାଇଲ୍ ଟି ଦପ୍ତର କୁ ପଠାଇଦେଲେ ସୁନୟନା ।ବିଜୟିନୀ ର ପ୍ରଶାନ୍ତ ହସଟିଏ ଉକୁଟି ଉଠିଲା ତାଙ୍କ ମୁହଁରେ । ନିଜ ଜୀବନ ସଂଗ୍ରାମରେ ଆଜି ସେ ଅପ୍ରତିହତ।

ଶାରଳା ଭବନ
ପୋତାପୋଖରୀ,ନୂଆବଜାର କଟକ

## ଏମିତି ବି ପୁଣି ହୁଏ

*ନିରଞ୍ଜନ ସାହୁ*



କେବେ ସପନରେ କେବେ ଗୋପନରେ
କେବେ ଭାବନାରେ ଭେଟ ହୁଏ
କେବେ ଲୁହ ଝରେ କେବେ ଝୁରି ମରେ
କେବେ ନିରବରେ ପୁଣି ଶୁଏ ।
କେବେ ସ୍ମୃତି ଆସେ ହସେ ଦରହାସେ
କହେ ପିଛିଲା ଦିନର କଥା
କେବେ ସବୁ ଜାଣି ଘୃଣା ରେଖା ଟାଣି
ଘୁରାଏ ନାହିଁ ମୁଁ ମଥା
କେବେ ଚାହୁଁଥାଏ ତୁମ ଦେଖା ହାଏ
କେବେ ମନରୁ କାଢି ମୁଁ ଥୁଏ ।
କେବେ ହଜିଯାଏ କେବେ ଭିଜିଯାଏ
ତୁମରି ସାନ୍ନିଧ୍ୟ ପାଇ
କେବେ ଆଙ୍କିବସେ କେବେ ଲେଖିବସେ
କେବେ ଉଠେ ଗୀତ ଗାଇ
କେବେ ଭୁଲ ବୁଝେ କେବେ ରଣ ଶୁଝେ
କେବେ ଛୁଇଁ ମୁଁ ଶରୀର ଧୁଏ ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## କିନ୍ନରୀ

*ସ୍ୱାଗତିକା ତୁଳ*

କି ବୋଲି କରିବ ସମ୍ବୋଧନ ମୋତେ
ମୁଁ ନୁହେଁ ପୁରୁଷ ବା ନାରୀ,
ଏମିତି କାହିଁକି ଗ ?ିଲା ବିଧାତା
ଖୁଣ ଯେତେ ଦେଲା ଭରି ।
ସମାଜ ଆଖିରେ କଳଙ୍କିନି ହେଲି
ନ କରି କିଛି ମୁଁ ଦୋଷ,
ଧନୀ କି ଗରିବ ପିଲା କି ବାଳୁତ
ମାଡ଼ ? ନାହିଁ ମୋର ପାଶ ।
ସତେ କି ଯେମିତି ବଡ଼ ରୋଗୀ ମୁହିଁ
ପବନ ବାଜିଲେ ଡେଇଁବ,
ଏଡେ ଅଭାଗିନୀ ହେଲି ମୁଁ କାହିଁକି
ସାହା ହେବ କେଉଁ ଦଇବ ।
ତୁମ ପରି ଗଢ଼ା ହୋଇଛି ଶରୀର
ହାଡ଼, ମାଂସ ଆଉ ରୁଧିରେ,
ହେଲେ କୁହ କାହିଁ ଗଣା ମୁଁ ହୁଏନି
ତୁମ ପରି ନର ଜାତିରେ ।
କାହାକୁ କହିବି ଅନ୍ତର ବେଦନା
କିଏ ସେ ବୁଝିବ କାହିଁ ?
ନିଜ ଲୋକ ସବୁ ଦୂରେଇ ଗଲେଣି
ତାଙ୍କ ପାଖେ ଥାନ ନାହିଁ ।
ଯେମିତି ଯୁଝୁଛି ଦୁନିଆ ସାଥିରେ
ସେମିତି ଜୀବ ମୋ ଯୁଝିବ,
ମୋ ପରି ଅନେକେ ପ୍ରାଣ ବଳୀ ଦେଲେ
ଦୁନିଆ କି କେବେ ବୁଝିବ ?

ନାରାୟଣପାଟଣା
କୋରାପୁଟ

## ସୁନ୍ଦର

*ଅକ୍ଷୟ କୁମାର ରଉତ*

ସୁନ୍ଦର ଭରା ପକୃତି
ସୁନ୍ଦର ମାଆ ଧରିତ୍ରୀ
ସକାଳୁ ରୁ ରାତି
ସୂର୍ଯ୍ୟ ଚନ୍ଦ୍ର ଗତି
ସୁନ୍ଦର ସୃଷ୍ଟି ନିୟତୀ ॥୧॥
ଘନ ବାଦଲ କୁ ବିଜୁଳି ସୁନ୍ଦର ସାତ ରଙ୍ଗେ ଇନ୍ଦ୍ରଧନୁ
ବିହଙ୍ଗ ସୁନ୍ଦର ବିଚିତ୍ରତା ପର ସୁନ୍ଦର ଯୌବନ ତନୁ
ଦୂର ପରବତ ଝରଣାର ସ୍ରୋତ
ସୁନ୍ଦର ସେ ଅନୁଭୂତି ॥୨॥
ଚଷାକୁ ସୁନ୍ଦର ଲଂଗଳ ରେ ହାତ ଗୀତ କୁ ସୁନ୍ଦର ସୁର
କବିକି ସୁନ୍ଦର କଳପନା ତାର ବହି ସୁନ୍ଦର ଅକ୍ଷର
ଗୁଣକୁ ସୁନ୍ଦର ଗୁଣୀହିଁ ଚିହ୍ନଇ
ଫୁଲ କୁ ପରଜାପତି ॥୩॥
ତୁଣ୍ଡକୁ ସୁନ୍ଦର ସତ୍ୟବଚନଟି
କର୍ଣ୍ଣକୁ ଅମୃତବାଣୀ
ଚକ୍ଷୁକୁ ସୁନ୍ଦର ନୂଆ ନୂଆ ଦୃଶ୍ୟ ନାସାରୁ ସୁବାସ ଜାଣି
ଧଇର୍ଯ୍ୟ ସୁନ୍ଦର ସହନଶୀଳତା
ଅହିଂସା ସୁନ୍ଦର ନୀତି ॥୪॥
ମୋ ପୁରାଣ ପୋଥି ଜୀବନର ସାଥି
ସୁନ୍ଦର ମୋ ଭଗବାନ
ସୁନ୍ଦର ଆଶିଷ ସୁନ୍ଦର ଭବିଷ୍ୟ
ସୁନ୍ଦର କର୍ମମହାନ
ସୁନ୍ଦର ମୋ ମନ-ମୋ ବିବେକ ପ୍ରେମ
ସୁନ୍ଦର ଜନମ ମାଟି ॥୫॥
ସୁନ୍ଦର ମୋ ତାତ ସୁନ୍ଦର ମୋ ମାତ
ସୁନ୍ଦର ଶରଧା ସ୍ନେହ
ସୁନ୍ଦର ସଂସ୍କୃତି ଭାଇଚାରା
ପ୍ରୀତି ସୁନ୍ଦର ସମ୍ପର୍କ ମୁହଁ
ସୁନ୍ଦର ମୋ ପଥ ସୁନ୍ଦର ମୋବ୍ରତ
ସୁନ୍ଦର ଶେଷେ ଜୁଇଟି ॥୬॥

*ପାରାଦ୍ୱୀପ ଗଡ଼,*
*ଜଗତସିଂହପୁର*

## ନୂଆ ବରଷ

*ରାହାସ କୁମାର ବେହେରା*



ଘାସ ଗାଲିଚ଼ାରେ
କାହା ପାଦ ଚିହ୍ନ ଆଲୋ ସଜନୀ
ମୁହଁଟି ସଜ ଫୁଟା ସୁରୁଜ ମୁଖ
ଦେହ ସୋରିଷ ଫୁଲର ଚାଦର
ଦେଖିଦେଲେ ଲାଗେ ନିଜର ନିଜର
ଯେଣୁ ସିଏ ସଭିଙ୍କୁ ଭାବେ ନିଜ ଭାଇ
ବନ୍ଧୁ କୁଟୁମ୍ବ ବୋଲି
କାହାକୁ କରେନି ନିଜଠୁ ପର
ଭଲପାଏ ସ୍ନେହ ଦିଏ ସଞ୍ଜ ଓ ସକାଳ।

ସିଏ ଅବୁଝା ଝିଅ ନୁହେଁ
ସିଏ ଅବୁଝା ନଈଟିଏ ଆସେ ଠିକ ଏତିକିବେଳେ
ଛାତି ଫୁଲିଯାଏ ମନ ଗୁନ୍ଥିଦିଏ
ସଭିଙ୍କୁ ବିମୋହିତ କରେ କିବା ଯୁବ,ଯୁବତୀ
ପିଲାଠୁ ବୁଢ଼ାଯାଏ ଆନନ୍ଦରେ ଆତ୍ମହରା ହୁଏ ମଣିଷ
କୁରୁଳିଯାଏ ଦେହ,ମନ /ଚୈତନ୍ୟ ।

ଦିନପରେ ଦିନ ମୌସୁମୀ ବାନ୍ଧ ?
ପଣତ କାନିରେ
କେବେ ଖରା କେବେ ବର୍ଷାର
ଏ ଜୀବନ
ଯେଉଁଟି ଆରମ୍ଭ ବୁଣିଦିଏ
ଖୁସିର ମାହୋଲ
କେବେ ବନ୍ୟା ପୁଣି କେବେ ସିଂହାସନ
ଖସିବାର ଭୟ
ସରକାର ବଦଳେ ଠିକ ଯେମିତି
ମନ ବଦଳେ
ସକାଳ ପାଇଲେ ସୁରୁଜ ଅଛି ହେଲେ
ସଞ୍ଜକୁ ନାହିଁ ।

ପରିବର୍ତ୍ତନ କାହାର ନିୟମ
ଖାଲି ଭାବନାର,ଚିନ୍ତା ଚେତନାର
ନା'କାନ୍ଥରେ ଟଣା
କ୍ୟାଲେଣ୍ଡରର ,ସବୁ ଏଠି ସମାନ
ସ୍ଥିରନୁହେଁ
ନିଜକୁ ସୁହାଇବା ଭାବନାର କଳ୍ପନା
ଖାଲି ଗୋଟେ କାହାଣୀ ,କବିତା/
କର ଲେଉଟାଉଥିବା ମନର ଖେଳନୁହଁ
ଏକ ପରିପକ୍ୱ ଇତିହାସର
ଖାଲି ସୁନ୍ଦର ସୁନ୍ଦର ସବୁଜ ସ୍ୱାକ୍ଷର
ଅବା ହିଂସାର କିଛି ରକ୍ତିମ ହସ୍ତାକ୍ଷର ।

*ବାଲ୍ୟମ୍ବା*
*ଢେଙ୍କାନାଳ -୭୫୯୦୧୫*
*ଦୂରଭାଷ:୯୪୩୮୧୧୪୩୬୮*

## ଅଷ୍ଟମ ଆଶ୍ଚର୍ଯ୍ୟ

*କଲ୍ୟାଣୀ ଦାସ*

ଏ ବିଶ୍ୱ ବ୍ରହ୍ମାଣ୍ଡେ ସପ୍ତାଶ୍ଚର୍ଯ୍ୟ ପରେ
ଅଷ୍ଟମ ଆଶ୍ଚର୍ଯ୍ୟ ତୁମେ ,
କହିଦେଇ ଯାଅ କେମିତି ଭାବିବି
ଡାକିବି ମୁ କେଉଁ ନାମେ ?
ମହୁ ଠୁ ମହୁଆ ହସ ରେ ତୁମର
ହସି ଦେଇ ଯେବେ ଯାଅ ,
ମନ କୁ ମୋହର ଅଣାୟତ କରି
କେଉଁ ଖୁସି କୁହ ପାଅ ।
ଜଳ ଠୁ ଶୀତଳ ସ୍ୱର୍ଶ ରେ ତୁମର
ପାଷାଣ ହୋଇବ ଜୀବ ,
ଯଦି ଦୁଷ୍ଟ ହୁଏ ସ୍ୱର୍ଶ ରେ ତୁମରି
ଆପଣାଇ ମତେ ନେବ ।
ଫୁଲ ପରି ତୁମ କୋମଳ କଥା ତ
ଜଗାଏ ପ୍ରେମ ସବୁଠି ,
ଦିଗଦର୍ଶନ ଅଛି କଥା ରେ ତୁମର
ଖୋଜିବିନି ଏଠିସେଠି ।
ଦୟା କ୍ଷମା ଯଦି ସୂର୍ଯ୍ୟ ତାରା ହୁଏ
ବିଶାଳ ଆକାଶ ମନ
ସରଳତା ଆଗେ ଫିକା ପଡିଯିବ
ସରଗ ର ଲକ୍ଷେ ଜହ୍ନ ।
ତାଜମହଲ ଠୁ ଅଧିକ ଚମକ
ଛୋଟ ତୁମ ହୃଦୟ ର ,
ସୁନ୍ଦରତା ପାଇଁ କାହିଁ ଅବା ଲୋଡା ,
ଚମକତା ଚେହେରା ର ।
ତୁଳସୀ ବନ ଠୁ ଅଧିକ ପବିତ୍ର
ନିଷ୍ପାପ ତୁମ ଭାବନା ,
ପବିତ୍ର ଯେ ତୁମ ଅମୂଲ୍ୟ ଆଦର୍ଶ
ଚରିତ୍ର କାଚ ଆଇନା ।
ପାବନ ଚରଣେ ତୁମ ମଥା ମୋର ନଏ
ରହିଅଛ ମୋର ମର୍ମେ ,
ଏ ବିଶ୍ୱ ବ୍ରହ୍ମାଣ୍ଡେ ସପ୍ତଶ୍ଚର୍ଯ୍ୟ ପରେ
ଅଷ୍ଟମ ଆଶ୍ଚର୍ଯ୍ୟ ତୁମେ।

*ବ୍ରହ୍ମପୁର*

## ମୁକ୍ତିର ସନ୍ଧାନେ

*ଉମେଶ ଚନ୍ଦ୍ର ପାତ୍ର*



ହେ ଈଶ୍ୱର
ପାରିବ ତ ବଦଳାଇ ଦିଅ ମୋ ମନ
ଯନ୍ତ୍ର ସାଥେ ଯନ୍ତ୍ରଟିଏ ହୋଇ
ହାହାକାର ଆଜିର ଜୀବନ ।

ପ୍ରଗତିର ଡିଣ୍ଡିମ ବାଜୁଛି
ଶବ୍ଦର ତାଣ୍ଡବ , ଯନ୍ତ୍ରର ଘର୍ଘର
ମା'ର ଛାତି ଉପରେ ନିର୍ଦ୍ଦୟ ପ୍ରହାର
ମା' ମାଟି ଅତୀତ ଝୁରୁଛି
ଅହରହ କାନ୍ଦୁଛି , ଭାଗ୍ୟକୁ ନିନ୍ଦୁଛି ।

ମୁଁ ବସିଛି
ସଭ୍ୟତାର ପରିଚ଼ୟ ନେଇ
ପ୍ରକୃତିକୁ ଦର୍ପ ? ବଦଳାଇ
ଧ୍ୱଂସ ସ୍ତୂପର ଶୀର୍ଷରେ
ପ୍ରଗତିର ବାହକର ପରିଚ଼ୟ ନେଇ ।

ଖୋଜୁଛି ମୋ ପିଲାଦିନ
ମୋ ମନଫରୁଆର ସାଇତା ସପନ।
ସାଥୀସବୁ କ୍ଳାନ୍ତ ଅବସନ୍ନ
ମାଟିର ମୋହକୁ ଭୁଲି
ଛଳନାର ବିକଳ ଜୀବନ ।

ପୁରୁଣା ଦିନର ଉଲ୍ଲାସର କ୍ଷଣ
ଉଜାଗର ସ୍ମୃତି ,ତୋ ପାଇଁ ଆହ୍ୱାନ
ବରଗଛ ଓହଳରେ ଝୁଲିବାକୁ ମନ
ସବୁଜ ପଡିଆରେ ଆ ଖେଳିବା ଧନ
ବର୍ଷା ଅତିକ୍ରାନ୍ତ
ପରିଷ୍କାର ଘାସର ଗାଲିଚ଼ା
ଆ ବସିବା ,ଘଡିଏ ଦୁଃଖସୁଖ ହେବା
ଶରତର ନିର୍ମଳ ସୁନୀଳ ଆକାଶେ
ଧଳା ବଉଦକୁ ଦେଖି ମସଗୁଲ୍ ହେବା
ଶୀତ ସକାଳରେ
ଶିଶିରଭିଜା ଘାସର ଆନନ୍ଦ ଦେଖିବା।

ଶିଳ୍ପସଭ୍ୟତାର ବିପଣିର ପଣ୍ୟ ସାଜି
ମୁଁ ଭାବୁଛି , କେବଳ ଭାବୁଛି
ଅତୀତର ରୋମନ୍ଥନେ ଲୁହ ଝରାଉଛି।

ମାଟି ମା'ର ବକ୍ଷୁ ରକ୍ତ ଝରେ
ଯନ୍ତ୍ରଚ଼ିତାର ନିଆଁରେ
ପତଙ୍ଗ ଭଳି ମୁଁ ଝାସଦିଏ
ନିତି ନିତି ମରେ ପ୍ରତି ମୁହୂର୍ତ୍ତରେ ।

ସତେ କ'ଣ ସେଦିନ ଫେରିବ ....
ଏ ମଣିଷ ମାଟିମନସ୍କ ହେବ
ଖେତରେ ଫସଲର ଲହଡି ଖେଳିବ
ନଈକୂଳ କଦମ୍ବ ମୂଳରେ
ଗାଈଆଳ ପିଲାର ବଂଶୀସ୍ୱନ
ମନରେ ଶାନ୍ତି ଭରିଦେବ !

ପ୍ରଭୁଙ୍କୁ ଏତିକି ମାଗୁଣି
ମନରେ ଉଦ୍ଭାସିତ ହେଉ
ନୂତନ ଆଶାର କିରଣ
ଅର୍ଥସର୍ବସ୍ୱ ଜୀବନ ନ ହେଉ କାମନା
ପ୍ରକୃତି ଓ ପରିବେଶ ସୁରକ୍ଷା ଭାବନା
ମାଟିର ସନ୍ତାନ ,ମାଟିକୁ ପ୍ରତ୍ୟାଗମନ
ସାନ୍ତ୍ରାନ୍ତ ଜୀବନ ଜୀଇଁବାକୁ ମନ ।
ଗାଆଁ ମାଟି ସାଙ୍ଗସାଥୀ
ଝରଣାର କଳ କଳ ଗୀତି
ସେଇଠି ମୋ ଶାନ୍ତି
ସେଇଠି ପାଇବି ମୁଁ ମୁକ୍ତି ।

*ବି/୨୩ , ଇବ୍ କ୍ଷେତ୍ର*
*ବ୍ରଜରାଜନଗର , ଝାରସୁଗୁଡା*
*ମୋ - ୯୮୫୩୫୮୯୪୩୨*

## ସରଗଠୁ ବଡ ମୋହରି ମାଆ

*ଜୟନ୍ତ କୁମାର ମଲ୍ଲିକ୍*

ଅଝଟ କଲେ ମୁଁ କେତେ ଗାଳି ଦେଇ
ପରେ ତୁ କୋଳକୁ ନେଉ
କୋଳଟି ତୋହର ସରଗଠୁ ବଡ
ସତେକି ଝରଇ ମହୁ ।
ଶୁଖିଲା ମୁହଁକୁ ଦେଖିଲେ ମୋହର
ମନରେ ଆସେ ତୋ ଦୁଃଖ
କେତେଯେ ବୁଝାଇ କହିଥାଉ ମୋତେ
ନିଶ୍ଚୟ ଆସିବ ସୁଖ ।
ତୋଓ ପାଖରେ ମୁଁ ସବୁବେଳେ ଅଛି
ରହିଥିବି ଯେତେ ଦିନ
ବିପଦ ତୋପାଇଁ ନ ଆସୁ କେବେବି
ଖୁସିଥାଉ ତୋଓ ମନ।
କଲ୍ୟାଣ ମାଆଲୋ କରୁଥାଆ ମତେ
ପାଦରେ ନଫୁଟୁ କଣ୍ଟା
ଦୁନିଆଁ ଦାଣ୍ଡରେ ଚାଲୁଥାଏ ମୁଉଁ
ସଳଖି ମୋହର ଅଣ୍ଟା ।

*ଶୁରଡିହ , ନନ୍ଦିପୁର , ଯାଜପୁର*
*ଆଳାପ:ଯ୯୪୩୭୮୬୫୭୨୭*

## ସ୍ୱାଗତ ନବବର୍ଷ

*କୃଷ୍ଣା ମିଶ୍ର*



ଆସ !
ଏକ ନୂତନ ଯୁଗର,
ନବ ନିର୍ମାଣ କରି....
ଜାଗ୍ରତ ଜୀବନର ସ୍ୱାଭିମାନ ନେଇ....
ଦୁଃଖି ଅରକ୍ଷିତଙ୍କ ତ୍ରାଣକର୍ତ୍ତା ହୋଇ,
ମାନବତାର କଲ୍ୟାଣ ପାଇଁ,
ଆସ, ସୁବର୍ଣ୍ଣ ପ୍ରଭାତ ନେଇ......

ସଂସାର ପୃଷ୍ଠରେ ମହାକ୍ରାନ୍ତି,
ଆବାହନୀର ସଙ୍ଗୀତ ଗାଇ,
ମୋ ଦେଶ ଜନନୀ ଲାଗି
ନୂତନ ପ୍ରେରଣା, ନୂତନ ଉତ୍ଥାନ ନେଇ,
ମୃତବତ୍ ଶରୀରେ ନୂତନ ସ୍ପନ୍ଦନ,
ପ୍ରାଣରେ ନୂତନ ଉନ୍ମାଦ ନେଇ,
ଆସ, ସୁବର୍ଣ୍ଣ ପ୍ରଭାତ ନେଇ......

ଶାସକୀୟ ମଦମତ୍ତାର ଅବସାନ ନେଇ,
ଦୁର୍ବଳ କୁ ଅଭୟ,
କ୍ଷୁଧିତ କୁ ଅନ୍ନ ଦେଇ,
ଜୀବନରେ ନୂତନ କ୍ରାନ୍ତି,
କ୍ରାନ୍ତିରେ ବଳିଦାନର ନୂତନ ପର୍ବ ଯୋଡି ,
ଆସ, ସୁବର୍ଣ୍ଣ ପ୍ରଭାତ ନେଇ,
ସ୍ୱାଗତ ନବବର୍ଷ !

*ଅଧ୍ୟାପିକା ଓ ପି ଜିନ୍ଦଲ*
*ବିଦ୍ୟାଳୟ,*
*ରାୟଗଡ଼, ଛତିଶଗଡ*
*୯୩୦୧୦୧୨୩୩୩*

## ଲାଲ୍ ଗୋଲାପ

*ସଂଜୀବ କୁମାର ଦାଶ*



ସୁନ୍ଦରୀ ମେଳା ଟିର
ଉଦଘୋଷିତ ବିଜିତା ,
ମନ୍ଦ ଛନ୍ଦ ଚାଲିରେ ବିଜେ କରୁଛନ୍ତି,
ସିଲ୍କି-ଜର୍ଜଟ୍ ଅଙ୍ଗାଭରଣରେ ସନ୍ଧ୍ୟାର
ସେ ରାଜକୁମାରୀ, ରୂପେଲି ତନୁରେ
ରୂପର ବିଚିତ୍ର ବର୍ଣ୍ଣଛିଟା ।

ଗୋଲାପ ଖୁନ୍ଦିଛି,
କୁଞ୍ଚିତ କେଶକବରୀ ସାରା,
ତା 'ନାଲି ଆଭାରେ ଚମକେ ରୂପସୀ,
ତା 'ରି ପରେ ସଜ୍ଜିତ ହୀରା ନୀଳା
ମୋତି,
ଖଚିତ ସୁବର୍ଣ୍ଣ ମୁକୁଟ ।

ତା'ର ଉଜ୍ଜ୍ୱଳ ଓଠର ହସ ରେ ,
ବୁଡାଉଛି, ସମବେତ ତୃପ୍ତ
ହୃଦୟଗୁଡିକର ଆବେଗସବୁ,
ପୃଥିବୀକୁ ଓହ୍ଲାଇଛି ,ସତେ ଯେମିତି
ଫ୍ୟାସନ ର ଏକ ସ୍ୱର୍ଗ,
ଚାରିଆଡେ ଗରମ କରତାଳିରେ
ଫାଟିପଡୁଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ।

କେହି କେହି ଶୁଣନ୍ତି,
ନାଲି ଗୋଲାପଟି ହତାଶାରେ କିଛି ଚୁପି
ଚୁପି କହୁଥିବାର ,
'ମୋତେ ଏଠିକି ଆଣିଛି ସେ ଭୋକିଲା
ପିଲାଟି, ଗୋଟେ ମୁଦ୍ରା ପାଇଁ,
ତାଙ୍କର କଣ୍ଟା କଟା ହାତରୁ,
ତାଜା ରକ୍ତ ର ସୁଅ ଛୁଟୁଥିଲା,
ମୋ'ଠାରୁ ବି ଗାବହଲିଆ ସେ ରଙ୍ଗ।

'ମୋର ଛିନ୍ନଭିନ୍ନ ପାଖୁଡାଗୁଡ଼ିକ,
ବିକ୍ଷିପ୍ତ ପଡ଼ିଥିବ ଗୋଟିଏ ଦିନ ପରେ,
କାଲି ସକାଳ, ଦେଖିବ କାନ୍ଥବାଡ
ପୋଷ୍ଟରରେ,
ଜଣକୁ 'ସେଲିବ୍ରିଟିଙ୍କ ଦୁନିଆରେ ପାଦ
ଥାପିବାର ହର୍ଷ ?ଉତ୍ଫୁଲ୍ଲ ଚିତ୍ର '
ଆଉ ଆର ଜଣକୁ ଖୋଜୁଥିବ, କେଉଁ
ବୃଦ୍ଧାମୂଳ କୁ,
ଜୀବନ ବିକଳରେ
ଶୌଡୁଥିବା ପିଲାଟିକୁ, ପେଟ ପାଇଁ
ଯୋଗାଡ଼ିବ କେତେଟା
ପଇସାର ଦାନା ।

*ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ*
*ଦେବଗଡ ମହାବିଦ୍ୟାଳୟ*
*ମୋ-୯୪୩୭୭୩୯୫୭୭*




# ଆଂଚଳିକ ଚିତ୍ରକଳା ଗ୍ୟାଲେରୀ ଉଦ୍‌ଘାଟିତ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ସଂସ୍କୃତି ଭବନ ପରିସରରେ ନବନିର୍ମିତ ଆଂଚଳିକ ଚିତ୍ରକଳା ଗ୍ୟାଲେରୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଭାସି(ଭର୍ଚୁଆଲ)ରେ ଉଦଘାଟନ କରିଛନ୍ତି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ନିର୍ମିତ ଭୁବନେଶ୍ୱରର କଳିଙ୍ଗ ଆର୍ଟ ଗ୍ୟାଲେରୀ ଏବଂ ଗଞ୍ଜାମ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟଠାରେ ନିର୍ମିତ ୫ଟି ଆଂଚଳିକ ଆର୍ଟ ଗ୍ୟାଲେରୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆଭାସିରେ ଉଦଘାଟିତ ହୋଇଥିଲା । ଏହି ଅବସରରେ ଓଡିଶାର ସାଂସ୍କୃତିକ ଗୌରବ ଓ ଐତିହ୍ୟ ଉପରେ ଆଲୋକପାତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ସଂସ୍କୃତି ଏବଂ କଳାର ଗନ୍ତାଘର । ଆମ ଚିତ୍ରକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ହସ୍ତଶିଳ୍ପର ପରମ୍ପରା ଅନନ୍ୟ । ଏହା ଆମ ସାଂସ୍କୃତିକ ଐତିହ୍ୟର ବିବିଧତାକୁ ଦର୍ଶାଇଥାଏ । କଳା ଆମ ରକ୍ତରେ ପ୍ରବାହିତ ଏବଂ ମସ୍ତିଷ୍କରେ ସନ୍ନିବେଶିତ । ଏହି କଳାତ୍ମକ ପରମ୍ପରାକୁ ବଂଚାଇବାର ଦାୟିତ୍ୱ ଆମ ସମସ୍ତଙ୍କର । ଏହାର ସୁରକ୍ଷା, ସଂରକ୍ଷଣ ସହିତ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ମିଳିତ ଉଦ୍ୟମ ଏକାନ୍ତ ଆବଶ୍ୟକ । ଆଂଚଳିକ ଚିତ୍ରକଳା ଗ୍ୟାଲେରୀ ସ୍ଥାନୀୟ ଚିତ୍ରଶିଳ୍ପୀ ଓ କଳାପ୍ରେମୀଙ୍କୁ ଉତ୍ସାହିତ କରିବ ଏବଂ କଳାର ବିକାଶରେ ସହାୟକ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶାପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାନ୍ୟବର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଆର୍ଟ ଗ୍ୟାଲେରୀଗୁଡିକ ସ୍ଥାନୀୟ ଚିତ୍ରଶିଳ୍ପୀମାନଙ୍କ ସୃଜନାତ୍ମକ ବିକାଶରେ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡିଶା ଲଳିତ କଳା ଏକାଡେମୀ ସଭାପତି ଶ୍ରୀ ସୁଦର୍ଶନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଶ୍ରୀ ଭି.କେ.ପାଣ୍ଡିଆନ, ଉନ୍ନୟନ କମିଶନର ଶ୍ରୀ ପି.କେ. ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ପିଡି-ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଲଳିତ କଳା ଏକାଡେମୀ, କାର୍ଯ୍ୟକାରୀ ସମିତି ସଭ୍ୟ ଶ୍ରୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ବାଲେଶ୍ୱର ଆଂଚଳିକ ଆର୍ଟ ଗ୍ୟାଲେରୀରେ ବିଭିନ୍ନ ଚିତ୍ରଶିଳ୍ପୀଙ୍କ ୩୩ଟି ଚିତ୍ରକଳା ସ୍ଥାନିତ ହୋଇଥିବାବେଳେ ଅତିଥିମାନେ ଏହାକୁ ବୁଲି ଦେଖିବା ସହ ଏହାର ଉଚ୍ଚ ପ୍ରଶଂସା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଆନ୍ତର୍ଜାତୀୟ ପେନସନ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ସ୍ଥାନୀୟ ମେଡିକାଲ ରୋଡସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ପରିସରରେ ସଙ୍ଘ ପକ୍ଷରୁ ଆନ୍ତର୍ଜାତୀୟ ପେନସନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଆଲୋଚନା ଚକ୍ର ସଙ୍ଘର ଉପଦେଷ୍ଟା ପୀତାମ୍ବର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଡିସେମ୍ବରମାସ ୧୭ତାରିଖରେ ସରକାରୀ ସ୍ତରରେ ପେନସନ ଦିବସ ପାଳନ କରାଯିବା ସହ ପେନସନଭୋଗୀମାନଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ କରିବା, ପେନସନ ବାର୍ଷିକ ଇନକ୍ରିମେଣ୍ଟ ପ୍ରଦାନ କରିବା, ପ୍ରତ୍ୟେକ ପେନସନରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ବରିଷ୍ଠ ନାଗରିକ ଭାବେ ପରିଚୟପତ୍ର ପ୍ରଦାନ କରାଯିବା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏହାବ୍ୟତିତ ପେନସନଭୋଗୀମାନେ ସାଂସାରିକ ଜଞ୍ଜାଳରୁ ମୁକ୍ତ ରହି ନିଜକୁ ସମାଜସେବାରେ ନିୟୋଜିତ କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନା ଚକ୍ରରେ ସଙ୍ଘର ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା, ପରିବେଶବିତ କାଶୀନାଥ ରାଉତରାୟ, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ରଙ୍ଗାଧର ସାହୁ, ଭ୍ରମର ରାଉତ, କ୍ଷୀରୋଦ ପ୍ରସାଦ ଦାସ, ମହମ୍ମଦ ଜାହିଦ, ରବିନ୍ଦ୍ର ନାଥ ରଥ, କେଶବ ଚରଣ ସେଠୀ, ପତିତପାବନ ଲେଙ୍କା, ଶିଶିର କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ମହାକାଳପଡା ବିକାଶ ମଞ୍ଚର କୃତଜ୍ଞତା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଠାରେ ବିଶ୍ୱ ସ୍ତରୀୟ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଆରସେଲ ମିତ୍ତଲ ଆଣ୍ଡ ନିପନ ଷ୍ଟିଲ ପୁଞ୍ଜି ନିବେଶରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ହେବାକୁ ଯାଉଥିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏଥିନିମନ୍ତେ ମହାକାଳପଡା ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଅଶେଷ କୃତଜ୍ଞତା ଅର୍ପଣ କରାଯାଇଛି। ବିଶ୍ୱ ଇସ୍ପାତ ମାନଚିତ୍ରରେ ସ୍ଥାନ ପାଇବାକୁ ଯାଉଥିବା ମେଗା ପ୍ରକଳ୍ପ ପାଇଁ ମହାକାଳପଡା ବିକାଶ ମଞ୍ଚ ପକ୍ଷରୁ ସଭାପତି ତଥା ବିଶିଷ୍ଟ ପରିବେଶବିତ କାଶୀନାଥ ରାଉତରାୟ, ସମ୍ପାଦକ ବିଚିତ୍ରାନନ୍ଦ ବାରିକ, ଉପଦେଷ୍ଟା ପ୍ରଣବ କୁମାର ଜେନା, ହେମନ୍ତ ଜେନା, ସଦସ୍ୟ ଅଭିନ୍ନ ଚନ୍ଦ୍ର ନାୟକ, ଧନେଶ୍ୱର ସେଠୀ, ବୈଷ୍ଣବ ରାଉତ, ପବିତ୍ର ମାଇତି, ସୁକାନ୍ତ ଦାସ, ପବିତ୍ର ମୋହନ ପରିଡା, ଚିତ୍ତରଞ୍ଜନ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦିପ କୁମାର ଦାସ, ପ୍ରମୋଦ ମହାରଥୀ, ନିରଞ୍ଜନ ଓଝା, କୃଷ୍ଣ ଚନ୍ଦ୍ର ବର୍ମନ, ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ଆଇନଜୀବୀ ଶୁଭେନ୍ଦୁ ରାଉତରାୟ, ଅକ୍ଷୟ ନାଥ, ନଗେନ୍ଦ୍ର ପ୍ରସାଦ ଚୌଧୁରୀ, ବିଶ୍ୱନାଥ ରାଉତରାୟ, ରଞ୍ଜିତ ଖୁଣ୍ଟିଆ ପ୍ରମୁଖ ମିତ୍ତଲ ଷ୍ଟିଲ କମ୍ପାନୀକୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ମହାକାଳପଡା ବିକାଶ କ୍ଷେତ୍ରରେ ଏହା ଏକ ମାଇଲ ଖୁଣ୍ଟ ହୋଇ ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି । ମଞ୍ଚ ପକ୍ଷରୁ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚି ନାୟକଙ୍କୁ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ପାଣି ପାଇଁ ଅଁଳାପାଳ ଗ୍ରାମବାସୀ ଡହଳ ବିକଳ

ବାଲେଶ୍ୱର (ପିଏନ୍)-ନୀଳଗିରି ବ୍ଲକ ବରହମପୁର ଅଁଳାପାଳ ପାନୀୟଜଳ ଯୋଗାଣ ପ୍ରକଳ୍ପର ବିଲ ଦେୟ ବାକି ଥିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଫଳରେ ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜଳଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ବି ସେ ଶୁଣୁନାହାନ୍ତି। ଶେଷରେ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ବସୁନ୍ଧରା ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ଏହି ଜଳଯୋଗାଣ ପ୍ରକଳ୍ପରୁ ଅଁଳାପାଳ ଗ୍ରାମର ଶତାଧିକ ପରିବାର ତିନିବର୍ଷ ଧରି ପାନୀୟ ଜଳ ବ୍ୟବହାର କରି ଆସୁଛନ୍ତି। ତେବେ ପ୍ରକଳ୍ପ ଉପରେ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ବିଲ ବାକି ଥିବାରୁ ବିଦ୍ୟୁତ ବିଭାଗ ବାରମ୍ବାର ବିଦ୍ୟୁତ୍ ସଂଯୋଗ କାଟି ଦେବାକୁ ଚେତାବନୀ ଦେଇଥିଲେ। କୌଣସି ଉପାୟ ନ ପାଇ ଗ୍ରାମବାସୀ କିଛି କିଛି ଚାନ୍ଦା ଆଦାୟ କରି କିଛି ବିଲ ପଇଠ କରିବାକୁ ଯାଇଥିଲେ। ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଏହାକୁ ଗ୍ରହଣ ନ କରି ଫେରାଇ ଦେଇଥିଲେ। ସବୁତକ ବିଲ ଦେୟ କରା ନ ଗଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି କହିଥିଲେ। ଏ ନେଇ ଗ୍ରାମବାସୀ ଜଳଯୋଗାଣ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ। ବିଭାଗୀୟ ଅଧିକାରୀ ବିଦ୍ୟୁତ ଦେଣ୍ଡ ପଇଠ ପାଇଁ କୌଣସି ତତ୍ପରତା ପ୍ରକାଶ କରି ନ ଥିଲେ । ଶେଷରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଯାଇ ଗି ୨୨ ତାରିଖରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦିଆଗଲା। ଯାହା ଫଳରେ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ସପ୍ତାହେ ହେଲା ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଯଦି ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ତାହାହେଲେ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଗ୍ରାମର ରୁଦ୍ରକାନ୍ତ ସାହୁ, ମୂରଲୀଧର ସାହୁ, ବସନ୍ତ ବେହେରା, ସବିତା ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି।

## କେନ୍ଦ୍ରାପଡା କଲେଜ ସମାଜ ବିଜ୍ଞାନ ବିଭାଗ ଆଲୋଚନା ଚକ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଡଃ. ପ୍ରହଲ୍ଲାଦ କୁମାର କର "ସାମାଜିକ ଗବେଷଣା କ୍ଷେତ୍ରରେ ପରିକଳ୍ପନାର ଭୂମିକା" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୂଲ୍ୟବାନ ମତାମତ ଉପସ୍ଥାପନା କରିଥିଲେ। ଛାତ୍ରଛାତ୍ରୀମାନେ କିପରି ଗବେଷଣା କ୍ଷେତ୍ରରେ ଏହାର ସଦୁପଯୋଗ କରିପାରିବେ ସେ ସମ୍ପର୍କରେ ପର୍ଯ୍ୟାପ୍ତ ତଥ୍ୟ ପ୍ରଦାନ କରିଥିଲେ ଡଃ. କର। ବିଭାଗୀୟ ମୁଖ୍ୟ ଡଃ. ସୁଷମା ଶତପଥୀଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଏହି ଆଲୋଚନାରେ ଉପସ୍ଥିତ ଥିଲେ।

# ଖରିଆବାହାଲର ରାସ୍ତା, ନାଳି ଓ ରାସ୍ତା ଆଲୋକ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି



ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅ'ର୍ଗତ ୫ ନମ୍ବର ୱାର୍ଡର ଖରିଆବାହାଲ ବସ୍ତି ଅଞ୍ଚଳରେ କଂକ୍ରିଟ୍ ରାସ୍ତା ଓ ନାଳି ନିର୍ମାଣ ସହିତ ବସ୍ତିକୁ ଆଲୋକିତ କରିବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ଏହି ମର୍ମରେ ରାଉରକେଲା ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ବସ୍ତିର ପ୍ରତିନିଧି ଶ୍ରେଣୀର ବ୍ୟକ୍ତିମାନେ ମହାନଗର ନିଗମ କମିଶନରଙ୍କ ଅନୁପସ୍ଥିତିରେ ଉପକମିଶନର ସୁଧାଂଶୁ ଭୋଇଙ୍କୁ ସାକ୍ଷାତ କରି ଦାବିପତ୍ର ଜ୍ଞାପନ କରିଛନ୍ତି । ଏହି ବସ୍ତି ଅଞ୍ଚଳରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଆବଶ୍ୟକୀୟ ନାଳି ଅଭାବରୁ ବସ୍ତିବାସୀଙ୍କ ବ୍ୟବହୃତ ମଇଳା ଜଳ ଓ ବର୍ଷା ଜଳ ବାହାରକୁ ନିଷ୍କାସିତ ହୋଇନପାରି ବସ୍ତି ମଧ୍ୟରେ ଗୋଟିଏ ସ୍ଥାନରେ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି ବୋଲି ପ୍ରତିନିଧିମାନେ ଏହି ଅବସରରେ କହିଥିଲେ । ସେହିପରି କଂକ୍ରିଟ୍ ରାସ୍ତା ନଥିବାରୁ ବସ୍ତିବାସିନ୍ଦାମାନେ ସାମାନ୍ୟ ବର୍ଷା ହେଲେ ଯାତାୟତରେ ଗୁରୁତର ବାଧା ସୃଷ୍ଟି ହେଉଛି ବୋଲି ପ୍ରକାଶ କରି ତୁର' ଏହି ରାସ୍ତା ଓ ନାଳି ନିର୍ମାଣ ପ୍ରତି କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ପ୍ରତିନିଧିମାନେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନୁରୂପ ଭାବେ ବସ୍ତି ପାର୍ଶ୍ୱ ରାସ୍ତାକୁ ଆଲୋକୀକରଣ କରାଯାଇଥିବା ବେଳେ ବସ୍ତି ମଧ୍ୟକୁ ବିଦ୍ୟୁତ୍ ଖୁଣ୍ଟ ପକାଇ ଆଲୋକୀକରଣ କରାଯାଇନଥିବାରୁ ଅନ୍ଧାରରରେ ଯାତାୟତ କରୁଥିବା ବସ୍ତିବାସୀ ଗୁରୁତର ବାଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ । ତେଣୁ ଏସବୁ ସମସ୍ୟାର ଆଶୁ ସମାଧାନ ପାଇଁ ବସ୍ତିବାସୀମାନେ ଏହି ଅବସରରେ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ କରି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ତେବେ ଉପକମିଶନର ଶ୍ରୀ ଭୋଇ ଖୁବ୍‌ଶୀଘ୍ର ଇଂଜିନିୟରିଂ ବିଭାଗର ଅଧିକାରୀ ଉକ୍ତ ଅଞ୍ଚଳ ଗସ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ଶ୍ରୀ ସେନାପତିଙ୍କ ସମେତ ଉକ୍ତ ୱାର୍ଡର ବାସିନ୍ଦା ତଥା ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଜିଲ୍ଲା କଂଗ୍ରେସ ସଦସ୍ୟ ମହମ୍ମଦ ମୁର, ବ୍ଲକ୍ କଂଗ୍ରେସ ସମ୍ପାଦକ ମହମ୍ମଦ ସଲ୍ଲାଉଦ୍ଦିନ ଏବଂ ମାରିଆନୁସ ଏକ୍କା ଓ ଏସ୍‌ସି ସେଲ୍ ବ୍ଲକ୍ ଅଧ୍ୟକ୍ଷ ଶ୍ୟାମ ସାଗରଙ୍କ ସହିତ ଖରିଆବାହାଲ ପ୍ରତିନିଧି ଶ୍ରେଣୀୟ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତରଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ବିଭୁ ପ୍ରସାଦ ମିଶ୍ରଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଡା. ମିଶ୍ରଙ୍କ ଘର ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ପିକରାଳି ଗ୍ରାମରେ। ରାତିରେ ଅଚାନକ ସେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ଅକାଳ ବିୟୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ଏଡିଏମଓ ସଚିଦାନନ୍ଦ ମିଶ୍ର, ଡା. ମିର୍ଜାବାବର ବେଗ, ଡାକ୍ତର କିଶୋର ଚନ୍ଦ୍ର ମିଶ୍ର, ଡା. ଅଶୋକ ଚନ୍ଦ୍ର କର, ଡା. କିଶୋର ଆଚାର୍ଯ୍ୟ, ଡା. ବୈକୁଣ୍ଠ ପଣ୍ଡା, ଡା. ସଞ୍ଜୀବ ସେଠୀ, ଡା. ଅଶୋକ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## କୋଲକତାରେ ଓଡିଆ ଶ୍ରମିକଙ୍କ ମୃତ୍ୟୁ

ଧର୍ମଶାଳା (ପିଏନ୍): ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଇଥିବା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଅନିରୁଦ୍ଧ ବିଶ୍ୱାଳ(୫୧)ଙ୍କ କୋଲକତାରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଖବରପାଇ ପରିବାର ଲୋକ କୋଲକତାରେ ପହଁଚି ମୃତଦେହକୁ ଗତକାଲି ଗାଁକୁ ଆଣିଛନ୍ତି । ଏକ ଶୋକାକୂଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଅନିରୁଦ୍ଧଙ୍କ ଅକାଳ ବିୟୋଗରେ ପରିବାରବର୍ଗ ବେସାହାରା ହୋଇପଡିଛନ୍ତି । ବୃଦ୍ଧା ମା' ଧୋବଣୀ, ପୁଅ ସଂଗ୍ରାମ, ଝିଅ ଶୁଭଲକ୍ଷ୍ମୀଙ୍କୁ କିପରି ପ୍ରତିପୋଷଣ କରିବେ ଏନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି ବିଧବା ପତ୍ନୀ ଆଶାଲତା । ପ୍ରକାଶ ଯେ, ଜନ୍ମମାଟିରେ କାମଧନ୍ଦା ନପାଇ ଅନିରୁଦ୍ଧ ପ୍ରାୟ ୨୦ବର୍ଷ ହେଲା ଦାଦନ ଖଟିବାକୁ କୋଲକତା ଚାଲିଯାଇଥିଲେ । କୋଲକତାର ନିର୍ମଳ ଚନ୍ଦ୍ର ଷ୍ଟ୍ରିଟ୍‌ସ୍ଥିତ ପିକେ ରାୟ କମ୍ପାନୀରେ ଶ୍ରମିକଭାବେ କାମ କରୁଥିଲେ । ତେବେ କୋଲକତା-୧୨/୨୬ସି ଲେନ୍‌ରେ ଚା' ପିଇବା ପାଇଁ ୪ଜଣ ସହକର୍ମୀଙ୍କ ସହିତ ଅନିରୁଦ୍ଧ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ । ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ୪୦୭ମିନିଟ୍ରକ୍ ସେମାନଙ୍କ ଉପରେ ମାଡି ଯାଇଥିଲା । ଦୁର୍ଘଟଣାରେ ସମସ୍ତ ୪ଶ୍ରମିକ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଅନିରୁଦ୍ଧଙ୍କର ସେଠାରେ ପ୍ରାଣବାୟୁ ଉଡିଯାଇଥିଲା । ବହୁ କଷ୍ଟରେ ପରିବାର ଲୋକେ ମୃତଦେହକୁ ଗାଁକୁ ଆଣିଥିଲେ ହେଁ, ତାଙ୍କ ଶୁଦ୍ଧିକ୍ରିୟା ଏବଂ ପରବର୍ତ୍ତୀ ସମୟରେ ପରିବାର କିପରି ପ୍ରତିପୋଷଣ ହେବ ଏହାକୁ ନେଇ ପରିବାର ଲୋକେ ଏବେ ନାନା ଚିନ୍ତାରେ । ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସମାଜସେବୀ ଅଭିମନ୍ୟୁ ଧଳ ଓ କେଦାର ମହାନ୍ତି ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ବିନା ମୂଲ୍ୟରେ ହସ୍ତାନ୍ତର ହେଉ ପାଇକ ସ୍ମାରକୀ ଜାଗା

ଖୋର୍ଦ୍ଧା (ପିଏନ୍): ବରୁଣେଇ ପାଇକ ସ୍ମାରକୀ କେବଳ ଖୋର୍ଦ୍ଧା ବା ଓଡ଼ିଶାର ନୁହେଁ, ସାରା ଦେଶ ପାଇଁ ଏକ ଐତିହାସିକ ସ୍ମାରକୀ ହେବ। ପ୍ରଥମ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ପରପିଢି ନିକଟରେ ଚିରସ୍ମରଣୀୟ କରି ରଖିବା ପାଇଁ ଏହା ଏକ ବଳିଷ୍ଠ ପ୍ରୟାସ ହେବ। ଏହି ପରିପ୍ରେକ୍ଷୀରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମକେଶରୀ ମହାପାତ୍ରଙ୍କୁ ଭେଟି ବରୁଣେଇ ପାଇକ ସ୍ମାରକୀ ପାଇଁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ସରକାର ବିନା ମୂଲ୍ୟରେ ଜାଗା ହସ୍ତାନ୍ତର କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ବିଜୁ ପଟ୍ଟନାୟକ ପାର୍କ ନିକଟରେ ଥିବା ପାଇକ ସଂଗ୍ରହାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି ଜଣାଇଥିଲେ। ପାଇକ ବିଦ୍ରୋହର ଦୁଇ ଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶନ ପାଇଁ ଦେଢ ଲକ୍ଷ ଟଂକା ଖର୍ଚ୍ଚ ହୋଇଥିଲେ ମଧ୍ୟ ମାତ୍ର କେତେ ଖଣ୍ଡ ବହି ଉନ୍ମୋଚନ କରାଯାଇ ଖୋର୍ଦ୍ଧାବାସୀଙ୍କୁ ଭୁଆଁ ବୁଲାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ସେହିଭଳି ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ଖୋର୍ଦ୍ଧା ସ୍ୱାଭିମାନର ପ୍ରତୀକ ହୋଇଥିବାରୁ ଜିଲା ପ୍ରଶାସନ ପକ୍ଷରୁ ନିରୂପିତ ଅଢେଇ ଏକର ଜାଗା ଯଥାଶୀଘ୍ର ହସ୍ତାନ୍ତର ପାଇଁ ଜିଲାପାଳ ମହୋଦୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା।




ନବବର୍ଷ ଉପଲକ୍ଷେ ସୁବଳ ମହାରଣାଙ୍କ ବାଲୁକା କଳା ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ବୁଲେଟ ଓ ପଲସର ମୁହାଁମୁହିଁ,ଜଣେ ମୃତ,ଦୁଇ ଆହତ

ଖୋର୍ଦ୍ଧା, (ପିଏନ): ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ-ସାରୁଅ ମଧ୍ୟରେ ଥିବା ଶଙ୍ଖ ନିକଟରେ ପଲସର ଓ ବୁଲେଟ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟି ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇ ଚିକିତ୍ସାଧିନ ଅଛନ୍ତି । ବାଘମାରୀ ଥାନା ଉପ ନିରୀକ୍ଷକ ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ସୂଚନା ମୁତାବକ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ନୟାଗଡ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଟୁନା ବାରିକ (୨୫)ନିଜର ସାଙ୍ଗ ସହ ବୁଲେଟ ଯୋଗେ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ପଲସର ଚାଳକ ସହ ମୁହାଁମୁହିଁ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ-ସାରୁଅ ମଧ୍ୟସ୍ଥ ଶଙ୍ଖ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଟୁନାର ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ସମ୍ବଲପୁର ଜିଲ୍ଲାର ଅଜୟ ପ୍ରଧାନ ଓ ନୟାଗଡ ଜିଲ୍ଲା ଇଟାମାଟି ଗ୍ରାମର ରାମ ପ୍ରଧାନ ଦୁଇ ଜଣ ଆହତ ହୋଇ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଏ ନେଇ ଆଜି ବାଘମାରୀ ଥାନାରେ ଏକ ମାମଲା ରୁଜୁ ପରେ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## କେନ୍ଦ୍ରାପଡା ସାଂସଦଙ୍କ ବ୍ୟାନର ଚିରା ନେଇ ଥାନାରେ ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): ନବବର୍ଷ ଉପଲକ୍ଷେ ଲଗାଯାଇଥିବା କେନ୍ଦ୍ରାପଡା ସାଂସଦଙ୍କ ବ୍ୟାନରକୁ କେହି ଚିରି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ନୂତନ ଇଂରାଜୀ ନବବର୍ଷ ଉପଲକ୍ଷେ କେନ୍ଦ୍ରାପଡା ଲୋକସଭା ସାଂସଦ ଅନୁଭବ ମହାନ୍ତି ଜିଲ୍ଲାର ଅଧିବାସୀମାନଙ୍କୁ ଶୁଭେଚ୍ଛା ଜଣାଇଥିବା ନେଇ ଏକ ବ୍ୟାନର କେନ୍ଦ୍ରାପଡା ସହରର ଫକିରାବାଦରେ ମରାଯାଇଥିଲା ।

## ଅଟ୍ରୀରେ ପାସେଞ୍ଜର ହଲଟ ନିର୍ମାଣ ହେବ କେବେ ?

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଘମାରୀ ପଂଚାୟତର ଅଟ୍ରୀ ଗ୍ରାମସ୍ଥିତ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଉଷ୍ଣ ପ୍ରସ୍ରବଣ ଅବସ୍ଥିତ । ପ୍ରତ୍ୟେକ ଦିନ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଉଷ୍ଣ ପ୍ରସ୍ରବଣକୁ ଦେଖିବା ସହ ଗନ୍ଧକ ମିଶ୍ରିତ ପାଣିରେ ଗାଧୋଇ ମଜା ନେଇଥାନ୍ତି । ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଦେଇ ବସ ଓ କାର ଯୋଗେ ଆସୁଥିଲେ ମଧ୍ୟ ଏବେ ରେଳପଥର ସୁବିଧା ହୋଇଥିଲେ ମଧ୍ୟ ଅଟ୍ରୀ ଠାରେ ଏକ ପାସେଞ୍ଜର ହଲଟ ନିର୍ମାଣ କେବେ ହେବ ତାହା ସ୍ଥାନୀୟ ଅଂଚଳର ଜନସାଧାରଣ ମାନେ ଚାହିଁ ବସିଛନ୍ତି । ୨୦୧୫ ମସିହାରେ ବାଘମାରୀ ଗ୍ରାମର ସମାଜସେବୀ ସନ୍ତୋଷ କୁମାର ପଣ୍ଡା ପାସେଞ୍ଜର ହଲଟ ନିର୍ମାଣ ପାଇଁ ରାଜ୍ୟପାଳଙ୍କୁ ଆରଟିଆଇ ବ୍ୟବହାର କରି ତଥ୍ୟ ମଗାଯାଇଥିଲା । ଏ ନେଇ ରାଜ୍ୟପାଳ ଇଷ୍ଟକୋଷ୍ଟ ରେଲୱେ ବିଭାଗର ଜେନେରାଲ ମ୍ୟାନେଜରଙ୍କୁ ପାସେଞ୍ଜର ହଲଟ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନଥିଲା । ପରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଜଣାଇବାରେ ରେଳ ବିଭାଗର ଜଟଣୀ ସିନିୟର ଡିଭିଜନ ମ୍ୟାନେଜରଙ୍କୁ ୨୦୧୮ ମସିହା ଅଗଷ୍ଟ ମାସ ୮ ତାରିଖରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବହୁ ବିଳମ୍ବରେ ଡିଭିଜନ କମିସନ ମ୍ୟାନେଜରଙ୍କୁ ଦେଇଥିଲେ । ଅଟ୍ରୀ ତଥା ବାଘମାରୀ ଗ୍ରାମବାସୀ ମାନେ ପାସେଞ୍ଜର ହଲଟ ନିର୍ମାଣ ପାଇଁ ଆବଶ୍ୟକୀୟ ଶ୍ରମଦାନ କରିବା ପାଇଁ ଡିସେମ୍ବର ମାସରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରିବା ଦୂରର କଥା କାଗଜ କଲମରେ ସିମୀତ ହୋଇ ରହିଛି । ଏହି ହଲଟର ନିର୍ମାଣ ପାଇଁ ୨୦୨୦ ମସିହାରେ ଲୋକ ଅଦାଲତର ଆଶ୍ରୟ ନେଇ ୩୦/୨୦ରେ କେସ ରୁଜୁ କରି ବିଚାରଧିନ ରହିଥିଲା । ଗତ ଡିସେମ୍ବର ମାସ ୧୧ ତାରିଖରେ ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ସ୍ଥିତ ଇଷ୍ଟକୋଷ୍ଟ ରେଲୱେ ମ୍ୟାନେଜର ଓ ଜଟଣୀ ସ୍ଥିତ ସିନିୟର ଡିଭିଜନ ରେଲୱେ ମ୍ୟାନେଜରଙ୍କୁ କାରଣ ଦର୍ଶାଅ ନୋଟିସ ଜାରୀ କରି ତିନି ମାସ ମଧ୍ୟରେ ପାସେଞ୍ଜର ହଲଟ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଉଁଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ୨୧ଜଣ ଭୁମିହୀନଙ୍କୁ ପଟ୍ଟା ବଣ୍ଟନ

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ପକ୍ଷରୁ ନବ ବର୍ଷର ପ୍ରଥମ ଦିନରେ ବସୁନ୍ଧରା ଯୋଜନାରେ ୨୧ଜଣ ଭୁମିହୀନ ପରିବାରଙ୍କୁ ଜମିପଟ୍ଟା ବଂଟନ କରାଯାଇଛି । ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଆୟୋଜିତ ଏହି ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୧ଜଣ ଭୁମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି, ଶୀତଲ ଅଗ୍ରୱାଲ,ନାକପୋଲ ଆରଆଇ ଚନ୍ଦନ ସାହୁ, ବାଙ୍କସାହି ଆରଆଇ ବୀର ମହାରଣା ଓ ବିଛାଖଣ୍ଡି ଆରଆଇ ସୁଶାନ୍ତ କୁମାର ସ୍ୱାଇଁ ହିତାଧିକାରୀ ଚିହ୍ନଟରେ ସହାୟତା କରିଥିଲେ । ହିତାଧିକାରୀଙ୍କୁ ବାଙ୍କସାହି, ଶାଳପତରିଆ, ବିଛାଖଣ୍ଡି ମୌଜାରେ ଭୁମିହୀନ ହିତାଧିକାରୀଙ୍କୁ ୨ରୁ ୪ ଡିସମିଲ ଲେଖାଏଁ ପଟ୍ଟା ସହ ଜମି ପ୍ରଦାନ କରାଯାଇଥିଲା ।

## କେନ୍ଦ୍ରାପଡା ବିଡିଓଙ୍କୁ ହତ୍ୟା ଧମକ ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ବ୍ଲକର ବିଡିଓ ଅଶ୍ୱିନୀ କୁମାର ଦାସଙ୍କୁ ହତ୍ୟା ଧକମ ଦିଆଯାଇଥିବା ନେଇ କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ ହୋଇଛି । ଏହି ହତ୍ୟା ଧମକ ଦେଇଛନ୍ତି ଜଣେ ଠିକାଦାର । ସଂପୃକ୍ତ ଅଭିଯୁକ୍ତ ଠିକାଦାର ଜଣକ ହେଉଛନ୍ତି ପାଟକୁରା ଥାନା ଅନ୍ତର୍ଗତ ବିଲବଲରାମପୁର ଗ୍ରାମର ଚଗଲା ବିଶ୍ୱାଳ । ବଗଡ଼ା ସରପଞ୍ଚଙ୍କ ସ୍ୱାମୀ କୈଳାଶ ଚନ୍ଦ୍ର ପ୍ରଧାନ ଚଗଲାକୁ ଏଭଳି କାର୍ଯ୍ୟରେ ସହଯୋଗ କରିଥିବା ନେଇ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବିଡିଓ ଶ୍ରୀ ଦାସ କେନ୍ଦ୍ରାପଡ଼ା ସଦର ଥାନାରେ ଉଭୟଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ବିଡିଓ ଶ୍ରୀ ଦାସ ଏତଲାରେ ଦର୍ଶାଇଛନ୍ତି ଯେ ଠିକାଦାର ଚଗଲା ବ୍ଲକ କାର୍ଯ୍ୟାଳୟକୁ ଆସି ପ୍ରଥମେ ବ୍ଲକ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲା । ଏଭଳି ଘଟଣାର ବିଡିଓ ପ୍ରତିବାଦ କରିବାରୁ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲା ଚଗଲା । ଏଥିସହ ତାଙ୍କୁ ଏକ ରୁମରେ ପୁରାଇ ଚଗଲା ତାଲା ପକାଇ ଦେଇଥିଲା । ଏଥିରେ ଅଭିଯୁକ୍ତ ଚଗଲାକୁ ସରପଞ୍ଚଙ୍କ ସ୍ୱାମୀ କୈଳାଶ ସହଯୋଗ କରିଥିବା ବିଡିଓ ଏତଲାରେ ଦର୍ଶାଇଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନା ଯୋଗ୍ୟ ଯେ ଏହି ଅଭିଯୁକ୍ତ ଠିକାଦାର ଜଣକ ବଗଡ଼ା ପଞ୍ଚାୟତରେ ନିଜେ ଛିଡା ହୋଇ ଏକ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ଯେଉଁଠାରେ କି ବିଧାୟକ ଉଦ୍‌ଘାଟନ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା । ବିଡିଓ ଶ୍ରୀ ଦାସ କହିଛନ୍ତି ଯେ ସରପଞ୍ଚଙ୍କ ସ୍ୱାମୀଙ୍କ ସହ ଠିକାଦାର ଜଣକ ବଗଡ଼ା ପଞ୍ଚାୟତରେ କାମ କରୁଛି । ତାଙ୍କର କିଛି ବିଲ ରହିଥିବା ଅଭିଯୋଗ ସେ କରିଥିଲେ । ହେଲେ ଯେଉଁ କାମ ହେଉଥିଲା ତାହାର ଦାୟିତ୍ୱ ଥିଲା ସରପଞ୍ଚଙ୍କର । ଠିକାଦାରଙ୍କ ବ୍ଲକ କାର୍ଯ୍ୟାଳୟ ସହ କୌଣସି ସମ୍ପର୍କ ନାହିଁ । ତେଣୁ ବ୍ଲକ ମଧରେ ଅବୈଧ ପ୍ରବେଶ କରି ଗାଳିଗୁଲଜ କରିବା ଓ ହତ୍ୟା ଧମକ ଦେବା ବେଆଇନ୍ କାର୍ଯ୍ୟ । ତେଣୁ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ବୋଲି ବିଡିଓ ଶ୍ରୀ ଦାସ କହିଛନ୍ତି ।

## ପଛୁଆବର୍ଗ ଛାତ୍ର ଆନ୍ଦୋଳନ ସମିତି ର ପ୍ରଶିକ୍ଷଣ ଶିବିର

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ରାଜୀବ ଗାନ୍ଧି ସେବା କେନ୍ଦ୍ର ପରିସରରେ ପଛୁଆବର୍ଗ ଛାତ୍ର ଆନ୍ଦୋଳନ ସମିତିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପଛୁଆବର୍ଗ ଛାତ୍ର ଆନ୍ଦୋଳନ ସମିତିର ଆବାହକ ଶ୍ରୀକାନ୍ତ ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ପ୍ରଶିକ୍ଷଣ ଶିବିରରେ ପ୍ରାକ୍ତନ ଛାତ୍ରନେତା ମାନସ ରଜ ଜେନା, ଅବିନାଶ ଦାସ, ସମାଜସେବୀ ପ୍ରଶାନ୍ତ କୁମାର ପୃଷ୍ଟି, ରଜ କୁମାର ଓଝା, ରବିନ୍ଦ୍ର ଦାସ, ଲକ୍ଷ୍ମୀଧର ପୃଷ୍ଟି ଓ ବିରଞ୍ଚି ନାରାୟଣ ସାହୁ ଯୋଗଦେଇ ଓବିସି ବର୍ଗର ଲୋକଙ୍କୁ ରାଜନୀତି ଠାରୁ ଆରମ୍ଭ କରି ଶିକ୍ଷା ଓ ନିଯୁକ୍ତି କ୍ଷେତରେ ସ୍ୱତନ୍ତ୍ର ସଂରକ୍ଷଣ ନମିଳିବା ପରିତାପର ବିଷୟ । ସାମ୍ବିଧାନିକ ଅଧିକାରରୁ ଆଜି ଓବିସି ବର୍ଗ ବଞ୍ଚିତ । ଏଥିପାଇଁ ବିରାଟ ଜନଆନ୍ଦୋଳନର ଆବଶ୍ୟକତା ପରିପ୍ରେକ୍ଷୀରେ ପ୍ରତ୍ୟେକ ପଞ୍ଚାୟତସ୍ତରରେ ଯୁବ ଛାତ୍ରମାନେ ଏକାଠି ହୋଇ ଏହା ବିରୁଦ୍ଧରେ ସଂଗ୍ରାମ ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଇଂ ମନୋଜ ଦାସ, ଚକ୍ରଧର ବେହେରା, ଶ୍ୟାମସୁନ୍ଦର ରାଉତ, ସୁରେଶ ଜେନା, ସଚି ସାହୁ, ପ୍ରଫୁଲ ରାଉତ, ରଜ ସାହୁ, ସଂଜୟ ଦାସ, ଶରତ ବାରିକ ଓ ଇନ୍ଦ୍ରଜିତ ତରାଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପଛୁଆବର୍ଗଙ୍କ ପ୍ରତି ହୋଇଥିବା ଅବିଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଶିବିରାର୍ଥୀମାନେ ଶପଥ ନେଇଥିଲେ ।

## କଳାପଥର ଗାଡିରୁ ଆଦାୟ ଟଙ୍କା ଭାଗବଣ୍ଟାକୁ ନେଇ ଗୋଷ୍ଠୀ ସଂଘର୍ଷ : ଦୁଇ ପକ୍ଷର ୧୬ ଆହତ

ଧର୍ମଶାଳା,(ପିଏନ୍): ଜେନାପୁର ଥାନା ଅନ୍ତର୍ଗତ ରାହାଡପୁର ଗ୍ରାମରେ ଟଙ୍କା ଭାଗବଣ୍ଟାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇ ଉଭୟ ପକ୍ଷର ପ୍ରାୟ ୧୬ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି । ଘଟଣାରୁ ପ୍ରକାଶ ଯେ, ଗୁରୁବାର ସଂଧ୍ୟାରେ ଟଙ୍କା ଭାଗବଣ୍ଟାକୁ ନେଇ ରାହାଡପୁର ଗ୍ରାମର ସାହାଣି ପରିବାର ଓ ଦେହୁରୀ ପରିବାର ମଧ୍ୟରେ ବଚସା ହୋଇଥିଲା । ପରେ ଏହା ଉଗ୍ରରୂପ ନେବା ପରେ ଉଭୟ ପକ୍ଷ ମଧ୍ୟରେ ମାରପିଟ୍ ହୋଇଥିଲା । ଏଥିରେ ପଦନ ଦେହୁରୀ(୫୦), ଯଦୁମଣି ଦେହୁରୀ(୪୬), ପତ୍ନୀ ଶାନ୍ତିଲତା ଦେହୁରୀ(୪୧), ବିପିନ ଦେହୁରୀ(୨୨), ଟୁରିଆ ଦେହୁରୀ(୪୫), ମଙ୍ଗୁଳି ଦେହୁରୀ(୫୫), ବର୍ଷା ଦେହୁରୀ(୧୨), ସନାତନ ଦେହୁରୀ(୩୦) ଓ ଘନିଆ ଦେହୁରୀ(୪୦) ଆହତ ହୋଇଥିଲେ । ସେହିପରି ପାଣ୍ଡବ ସାହାଣିଙ୍କ ପୁଅ ପ୍ରଭାକର(୩୦), ଏକନ ସାହାଣିଙ୍କ ପୁଅ ବଳରାମ(୩୫), ଦୁଃଖୀଶ୍ୟାମ ସାହାଣିଙ୍କ ପୁଅ ରଂଜନ(୩୪), ସୁନାକର ପ୍ରଧାନ, ଗୌରାଙ୍ଗ ସାହାଣି, ସୁଦାମ ସାହାଣି ଓ ରାଜୁ ପ୍ରଧାନ ମଧ୍ୟ ଆହତ ହୋଇଥିବା ଖବର ମିଳିଛି । ଦେହୁରୀ ପରିବାରର ଆହତମାନଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା କରାଯାଇଛି । ଖବର ପାଇ ଜେନାପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ଉକ୍ତ ଘଟଣା ପଛରେ ରାହାଡପୁର ପାହାଡରୁ ପରିବହନ ହେଉଥିବା କଳାପଥର ଗାଡିଗୁଡିକରୁ ଆଦାୟ ହେଉଥିବା ଟଙ୍କା ଭାଗବଣ୍ଟାକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ଜଣାପଡିଛି ।

## ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଧର୍ମଶାଳା ବିଧାୟକଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ପ୍ରତିଯୋଗିତା



ଧର୍ମଶାଳା, (ପିଏନ୍): ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ନୂଆବର୍ଷ ଅଭିନନ୍ଦନ ଜଣାଇବା ପାଇଁ ଆଜି ପୂର୍ବାହ୍ନରେ ଦଳୀୟ ନେତା ଓ କର୍ମୀଙ୍କ ମହଲରେ ପ୍ରତିଯୋଗିତା ହୋଇଥିଲା । ଜାରକା ନିକଟ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟ ସମ୍ମୁଖ ରାସ୍ତା କାର୍ ଆଉ ମଟରସାଇକଲରେ ଭର୍ତ୍ତି ହୋଇଯାଇଥିବା ବେଳେ ଶହ ଶହ ଲୋକ କାର୍ଯ୍ୟାଳୟ ପରିସରରେ ଭିଡ ଜମାଇଥିଲେ । ଏଥପାଇଁ ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ଯାତାୟତ କରୁଥିବା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏପରିକି କେତେକ ଲୋକେ ଭିନ୍ନ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥାନକୁ ଯାଇଥିଲେ । ରାଜ୍ୟ ସରକାର ଜାନୁଆରୀ ମାସ ଓ ନୂଆବର୍ଷ ପାଇଁ କୋଭିଡ୍ ଗାଇଡ୍‌ଲାଇନ୍ ପାଳନକୁ କଡାକଡି କରିଥିବା ବେଳେ ଏଠାରେ କେହି କୋଭିଡ୍ କଟକଣାକୁ ଭୃକ୍ଷେପ କରିନଥିଲେ । ଅଧିକାଂଶ ଲୋକ ମାସ୍କ ବ୍ୟବହାର କରିନଥିବା ବେଳେ ସେମାନଙ୍କ ସାମାଜିକ ଦୂରତା ନଥିବା ଦେଖିବାକୁ ମିଳିଥିଲା । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଅନେକ ଆଶାୟୀ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଫୁଲତୋଡା ଧରି ବିଧାୟକଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଅପେକ୍ଷା କରି ରହିଥିଲେ । ପୂର୍ବରୁ ବିଧାୟକ ଜାନୁଆରୀ ୧ ତାରିଖରେ ଭୁବନେଶ୍ୱରସ୍ଥିତ ବାସଭବନରେ ରହୁଥିବା ବେଳେ ନିର୍ଦ୍ଦିଷ୍ଟ ସଂଖ୍ୟକ ନେତା, କର୍ମୀ ଓ ଅଫିସର ନୂଆବର୍ଷ ଶୁଭେଚ୍ଛା ଜଣାଇବା ପାଇଁ ସେଠାକୁ ଯାଉଥିଲେ । ହେଲେ ଏବର୍ଷ ଜାରକାରେ ଥିବା ଖବର ପାଇ ଶହ ଶହ ଦଳୀୟ ନେତା, କର୍ମୀ, ଅଫିସର ଓ ଶୁଭେଚ୍ଛୁ ତାଙ୍କୁ ଭେଟକରି ନୂଆବର୍ଷ ଶୁଭେଚ୍ଛା ଜଣାଇବା ପାଇଁ ଗହଳି କରୁଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ଆଜି ଦିନ ତମାମ୍ ଏଠାରେ ଗହଳି ଲାଗି ରହିଥିଲା । ସ୍ଥାନୀୟ ପୁଲିସ୍ ଜନସାଧାରଣଙ୍କୁ କୋଭିଡ୍ ନିୟମର ପାଠ ପଢାଉଥିବା ବେଳେ ଏଠାରେ କାହିଁକି ଚୁପ୍ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି । ପୁଲିସ୍ ନା' ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲା ନା' କୋଭିଡ୍ ନିୟମ ଉଲ୍ଲଙ୍ଘନ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ?


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

## ଆନ୍ତର୍ଜାତୀୟ ମା'ତାରିଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ, କଟକ ମା'ମଙ୍ଗଳା ଟିମ୍ ଚମ୍ପିୟାନ



ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ତରତରା ପଂଚାୟତ ଖେଳ ପଡିଆ ଠାରେ ଚାଲିଥିବା ମା'ତାରିଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳରେ ମା'ମଙ୍ଗଳା (କଟକ) ବନାମ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କଟକ ମା'ମଙ୍ଗଳା କ୍ଲବ ପ୍ରଥମାର୍ଦ୍ଧରେ ସୋନପୁର ରାମଧନୁ କ୍ଲବକୁ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନଥିଲେ। ୧-୦ ଗୋଲରେ କଟକ ମା'ମଙ୍ଗଳା କ୍ଲବ ଚମ୍ପିୟାନ ହୋଇଥିଲା। ଉକ୍ତ ଖେଳରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଅନୁଭବ ପଟ୍ଟନାୟକ ପୂର୍ବତନ ବିଧାୟକ, (ଅବଜରଭ କେନ୍ଦୁଝର ଜିଲ୍ଲା), ସିନେତାରକା ଏଲିନା ସାମନ୍ତରାୟ ପ୍ରମୁଖ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରତ୍ନାକର ବାରିକ, ରାଜୁ ମହାନ୍ତି ଓ ସନ୍ଦିପ ଦାଶ ଖେଳ ପରିଚାଳନା କରିଥିବା ବେଳେ ଜ୍ୟୋତିରନ ସ୍ୱାଇଁ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ତୁଲାଇ ଥିଲେ। ତରତରା ପଂଚାୟତ ସମ୍ପାଦକ ସୁବ୍ରତ କୁମାର ସାମଲଙ୍କ ସମେତ ତରତରାର ମା'ତାରିଣୀ କପ୍ ଆୟୋଜନର କର୍ମକର୍ତ୍ତା ଚମ୍ପିୟାନ ଦଳକୁ ୨୫ହଜାର ଟଙ୍କା ଅର୍ଥ ରାଶି ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୨୦ହଜାର ଟଙ୍କା ଅର୍ଥ ରାଶି ସହିତ ଟ୍ରଫି ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଫାଇନାଲ ଖେଳକୁ ଆନନ୍ଦପୁର ଅଂଚଳର ହଜାର ହଜାର ଫୁଟବଲ ପ୍ରେମୀ ଖେଳ ଉପଭୋଗ କରିଥିଲେ।

## ଓଡିଶା ଗାନ୍ଧୀ ବିଚାର ପରିଷଦର 'ଗାନ୍ଧୀ କଥା'

କେନ୍ଦୁଝର,(ପି.ଏନ): ଓଡିଶା ଗାନ୍ଧୀ ବିଚାର ପରିଷଦ ଓ ସଂଯୋଗର ମିଳିତ ସହଯୋଗରେ ଜିରାଙ୍ଗ ଗ୍ରାମ ପଂଚାୟତର କୁଣ୍ଡଳପାଣି ଠାରେ ଆସ ଶୁଣିବା ଗାନ୍ଧୀ କଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗାନ୍ଧୀଜୀଙ୍କ ଓଡିଶା ଆଗମନରେ ବାର୍ଷିକି ପାଳନ ଅବସରରେ କେନ୍ଦୁଝର ଜିଲ୍ଲା ଓ ଓଡିଶାର ଭିନ୍ନ ଭିନ୍ନ ଜିଲ୍ଲାରେ ଆସ ଶୁଣିବା ଗାନ୍ଧୀ କଥା ଆୟୋଜନ କରାଯାଇଛି। ଏହି କ୍ରମରେ ଡିସେମ୍ବର ୩୦ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ଭକ୍ତବତ୍ସଳ ମହାନ୍ତ ତଥା ଅନ୍ୟତମ ସଦସ୍ୟ ମାନସ ରଂଜନ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଗାନ୍ଧୀଜୀଙ୍କ ଅହିଂସା ମାର୍ଗ, ସତ୍ୟାଗ୍ରହ ଓ ୧୮ଟି ରଚନାତ୍ମକ କାର୍ଯ୍ୟ ବିଷୟରେ ବୁଝାଇ ଥିଲେ । ନାରୀ ଶକ୍ତିର ବିକାଶ ଓ ସ୍ୱାବଲମ୍ବନଶୀଳ ସମାଜ ଗଠନ ପାଇଁ ବାର୍ତ୍ତା ଦେଇଥିଲେ । ବୈଠକ ଶେଷରେ ତିନୋଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା।

## ପାରାଦୀପ ବନ୍ଦର ଯାନ୍ତ୍ରୀକ କୋଇଲା ବୋଝେଇ ପ୍ଲାଣ୍ଟ ଦ୍ୱାରା ସର୍ବକାଳୀନ ରେକର୍ଡ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରର ଯାନ୍ତ୍ରୀକ କୋଇଲା ବୋଝେଇ ପ୍ଲାଣ୍ଟ (ଏମ୍.ସି.ଏଚ୍.ପି) ଦ୍ୱାରା ଡିସେମ୍ବର ମାସରେ ସର୍ବକାଳୀନ ରେକର୍ଡ ସ୍ଥାପନ କରାଯାଇଛି । ଡିସେମ୍ବର ମାସ ୨୦୨୧ରେ ଏହି ପ୍ଲାଣ୍ଟରେ ୬୬୬ଟି ବୋଗି ଓପନ ବଟମ ରାପିଡ୍ ଡିସ୍‌ଚାର୍ଯ ହୋପର ଓାଗନ୍(ବିଓବିଆର୍‌ଏନ୍) ରେକ୍‌ରୁ ପଣ୍ୟ ଖଲାସ କରାଯାଇଛି । ଗତ ନଭେମ୍ବର ମାସରେ ୬୬୧ଟି ରେକ୍‌ରୁ ପଣ୍ୟ ଖଲାସ କରାଯାଇଥିଲା। ଯାହାକି ୨୦୧୬ ମସିହା ମାର୍ଚ୍ଚ ମାସର ରେକର୍ଡ ଅତିକ୍ରମ କରିଛି। ୨୦୧୬ ମସିହା ମାର୍ଚ୍ଚ ମାସରେ ପାରାଦୀପ ବନ୍ଦରରେ ୨୪,୪.୧୯୫ ମେଟ୍ରିକ୍ ଟନ୍ ପଣ୍ୟ କାରବାର ଜାହାଜ ମାଧ୍ୟମରେ ହୋଇଥିଲା । ଚଳିତ ଡିସେମ୍ବର ମାସରେ ଏହି ରେକର୍ଡ ଅତିକ୍ରମ କରି ୨୭,୦୨,୫୫୮ ମେଟ୍ରିକ୍ ଟନ୍ ପଣ୍ୟକାରବାର ହୋଇଛି। ଏହି ସଫଳତା ପରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ଏହି ସହିତ ସଂଶ୍ଲିଷ୍ଟ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲାପାଳ ନୂଆ ବର୍ଷ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇଲେ

କେନ୍ଦୁଝର,(ପି.ଏନ):ନୂଆବର୍ଷ ଅବସରରେ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇ ଜିଲ୍ଲାବାସୀଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି । ଏତଦ୍‌ବ୍ୟତୀତ ଜିଲ୍ଲାର ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି । ଜିଲ୍ଲାରେ ସେବାରତ ଅଧିକାରୀ/କର୍ମଚାରୀମାନଙ୍କୁ ନବବର୍ଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନେ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହି ଜିଲ୍ଲାବାସୀଙ୍କୁ ସେବା ଯୋଗାଇ ଦେବା ପାଇଁ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଛନ୍ତି । ମହାମାରୀ କୋଭିଡ୍-୧୯ ବିରୁଦ୍ଧ ଲଢେଇରେ ଜିଲ୍ଲାବାସୀଙ୍କର ସକ୍ରିୟ ସହଯୋଗ ପାଇଁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଜିଲ୍ଲାପାଳ କହିଛନ୍ତି ଯେ ଏବେ ବି କରୋନା ମହାମାରୀର ବିପଦ ଟଳି ନାହିଁ । ଏଣୁ କୋଭିଡ୍ ବିରୁଦ୍ଧ ଲଢେଇରେ ଜିଲ୍ଲାବାସୀ ଅକୁଣ୍ଠ ସହଯୋଗ ବଳବତର ରଖିବାକୁ ନିବେଦନ କରିଛନ୍ତି ।

## ମା'ତାରିଣୀଙ୍କ ନଡିଆ ହୁଣ୍ଡି ପୂଜାର୍ଚ୍ଚନା ଓ ବସ୍ତ୍ରଦାନ କାର୍ଯ୍ୟକ୍ରମ

ଢେଙ୍କିକୋଟ, (ପି.ଏନ):ଆଜି ପବିତ୍ର ଇଂରାଜୀ ନବବର୍ଷରେ ଢେଙ୍କିକୋଟ ବଣିକ ସଂଘ ତରଫରୁ ମା'ତାରିଣୀଙ୍କ ନଡିଆ ହୁଣ୍ଡି ନିକଟରେ ମା'ତାରିଣୀଙ୍କ ଫଟୋ ପୂଜା ସହିତ ହୁଣ୍ଡି ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ ଏକ ମାହେନ୍ଦ୍ର ବେଳାରେ ପୂଜକ ଅଦ୍ୱୈତ ଶତପଥୀ ଯଥାବିଧି ପୂଜାର୍ଚ୍ଚନା କରିବା ସହିତ ବଣିକ ସଂଘ ତରଫରୁ ଦିନ ଦୁଃଖୀ ଲୋକମାନଙ୍କୁ ଶୀତବସ୍ତ୍ର କମଳ ସମେତ ମାକ୍ସ, ଟୋପି, ହାତ ଗ୍ଲୋବସ୍ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବଣିକ ସଂଘର ଉପଦେଷ୍ଟା ମଣ୍ଡଳୀର ଯୁଗଳ କିଶୋର ଦାସ, କୁଳମଣି ମଣ୍ଡଳ, ସେକ୍ କୁଦୁସ,ସମାଜସେବୀ ଶରତ ଚନ୍ଦ୍ର ସାହୁଙ୍କ ସମେତ ବଣିକ ସଂଘ ସଭାପତି ରାଜ କିଶୋର ସାହୁ, ସମ୍ପାଦକ ଲଲାଟେନ୍ଦୁ ସାହୁ, ସେକ୍ କରିମ, ନିଶିକାନ୍ତ ବେହେରା, ପୂର୍ବତନ ସରପଂଚ ଗୌରୀ ବାରିକ, ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ପ୍ରମୁଖଙ୍କ ସହିତ ବଣିକ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଜୟ କୁମାର ସାହୁ । ଏପରି ଏକ କାର୍ଯ୍ୟକ୍ରମରେ ସ୍ଥାନୀୟ ସାମ୍ବାଦିକ, ବୁଦ୍ଧିଜିବୀ, ଅଂଚଳବାସୀମାନେ ଯୋଗଦାନ କରି ବଣିକ ସଂଘକୁ ପ୍ରଶଂସା କରିଥିଲେ।

## କାର୍ଯ୍ୟରତ ସାମ୍ବାଦିକମାନଙ୍କ ଦ୍ୱାରା ନବବର୍ଷ ପାଳନ

ପାରାଦୀପ, (ପି.ଏନ): ଚଳିତ ବର୍ଷ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ନିଆରା ଢଙ୍ଗରେ ନୂଆବର୍ଷକୁ ପାଳନ କରିଛନ୍ତି। ଶନିବାର ସକାଳେ କାର୍ଯ୍ୟରତ ସାମ୍ବାଦିକମାନେ ପାରାଦୀପ ଆଦର୍ଶ ଥାନା ନିକଟସ୍ଥ ପ୍ରେସ୍ ଛକରେ ଏକତ୍ରିତ ହୋଇଥିଲେ। ପାରାଦୀପ ଅନ୍ତେବାସୀମାନଙ୍କ ନିମନ୍ତେ ନୂଆବର୍ଷ ୨୦୨୨ ଶୁଭ ଓ ମଙ୍ଗଳମୟ ହେବାର କାମନା କରିଥିଲେ। କାର୍ଯ୍ୟରତ ସାମ୍ବାଦିକ ପାରାଦୀପ ପକ୍ଷରୁ ବ୍ୟାନର ମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। କୋଭିଡ୍-୧୯ର ଆଦର୍ଶ ନିୟମପାଳନ କରି ସମସ୍ତେ ସମସ୍ତଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ । ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର, ସଂଦିପ କୁମାର ଲେଙ୍କା, ବିବେକାନନ୍ଦ ରାଉତ, ପୁରୁଷୋତ୍ତମ ଶତପଥି,ଦୀପକ କୁମାର ଦାସ, ଜଗବନ୍ଧୁ ସ୍ୱାଇଁ, ଜଗନ୍ନାଥ ଶତପଥି, ରତ୍ନାକର ଜେନା, ରବିନ୍ଦ୍ର କୁମାର ଜେନା, ରାକେଶ କୁମାର ପଟ୍ଟନାୟକ, ସଦାନନ୍ଦ ବେହେରା ପ୍ରମୁଖ ସାମ୍ବାଦିକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ହାତୀ ଅକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଢେଙ୍କିକୋଟ, (ପି.ଏନ): ଘଟଗାଁ ବ୍ଲକ ଅନ୍ତର୍ଗତ ଦୁବୁଲାବେଡା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତ ବୃଦ୍ଧ ଜଣକ ସେହି ଗ୍ରାମର କ୍ଷେତ୍ରବାସୀ ମହାନ୍ତ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ କ୍ଷେତ୍ରବାସୀ ନିଜ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତି ପ୍ରାୟ ୩ଟା ବେଳେ ଏକ ହାତୀ କ୍ଷେତ୍ରବାସୀଙ୍କ ଘର ଭାଙ୍ଗିବା ସହ ତାଙ୍କୁ ଆକ୍ରମଣ କରିଥିଲା । କ୍ଷେତ୍ରବାସୀଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଘଟଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ୨.୪୫ ହଜାର ଟଙ୍କା ଫେରାଇଲା ବ୍ୟାଙ୍କ

ବାଲେଶ୍ୱର , (ପି.ଏନ): ଫକିର ମୋହନ ଗୋଲେଇ ରେ ଥିବା ଇଣ୍ଡସ ଇଣ୍ଡ ବ୍ୟାଙ୍କ ଖାତାରୁ ୧୨ ଲକ୍ଷ ୪୫ ହଜାର ଟଙ୍କା ଲୁଟ ମାମଲାରେ ବ୍ୟାଙ୍କ ଜୋଷ୍ଣାରାଣୀ ପାତ୍ରଙ୍କର ଜମା ଖାତାକୁ ୨ ଲକ୍ଷ ୪୫ ହଜାର ଟଙ୍କା ଫେରାଇଥିବା ଜଣା ପଡ଼ିଛି। ବ୍ୟାଙ୍କ କର୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଟଙ୍କା ଲୁଟ ହୋଇଥିବା ଅଭିଯୋଗ କରି ଜୋଷ୍ଣା ଓ ତାଙ୍କ ସ୍ୱାମୀ ସମୀର ପ୍ରଧାନ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିଥିଲେ। ଏହା ସହିତ ଟଙ୍କା ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ମଧ୍ୟ ଚେତାବନି ଦେଇଥିଲେ। ମାମଲା ଅଧିକ ଗୁରୁତ୍ୱର ହେଉଥିବା ଜାଣି ବ୍ୟାଙ୍କ କର୍ତୃପକ୍ଷ ଲୁଟ ଟଙ୍କାକୁ ଫେରାଇବାକୁ ଉଦ୍ୟମ କରି ସଫଳ ହୋଇଥିଲେ। ୨୮ ତାରିଖ ଦିନ ମହିଳାଙ୍କ ଜମା ଖାତାରୁ ୫ ଲକ୍ଷ ଟଙ୍କା ଲୋଖାଏ ସ୍ତାଇ ଜମା ୧୦ ଲକ୍ଷ ଟଙ୍କା ଚାଲିଯାଇଥିବା ବେଳେ ତା ପରଦିନ ସଂଚୟ ଖାତାରୁ ଆଉ ୨ ଲକ୍ଷ ୪୫ ହଜାର ଟଙ୍କା ଗାଏବ ହୋଇଯାଇଥିଲା।

## ବିଜେଡିର ବନ୍ଧୁ ମିଳନ



କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମ ପଂଚାୟତରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସଦର ବ୍ଲକ ବିଜୁ ଜନତା ଦଳ ସଭାପତି ଚକ୍ରଧର ପରିଡା, ୪ନଂ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ରଥ ମୁଣ୍ଡା, ଗୋବର୍ଦ୍ଧନ ଗ୍ରା.ପ. ସରପଂଚ ଶ୍ରୀମତୀ ସତ୍ୟଭାମା ମୁଣ୍ଡା, ସମିତିସଭ୍ୟ ଅଭିମନ୍ୟୁ ନାଏକ, ପଂଚାୟତ ବିଜେଡି ସଭାପତି ଶରତ ଚନ୍ଦ୍ର ବେହେରା, ଉପସଭାପତି ଚିତ୍ତରଂଜନ ଜଗଦେବ, ବରିଷ୍ଠ କର୍ମକର୍ତ୍ତା ଶିବପ୍ରସାଦ ସାହୁ, ପିଣ୍ଟୁ ରାଉତଙ୍କ ସହ ଅନ୍ୟାନ୍ୟ ପୁରୁଣ ଓ ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସମସ୍ତେ ଦୃଢୋକ୍ତି ପ୍ରକାଶ କରିଥିଲେ।

## ସୈନିକସ୍କୁଲ ଭୁବନେଶ୍ୱର ପୁରାତନ ଛାତ୍ରପରିଷଦର ବାର୍ଷିକ ସମ୍ମିଳନୀ



ସୈନିକସ୍କୁଲ ଭୁବନେଶ୍ୱର ପୁରାତନ ଛାତ୍ର ପରିଷଦ ବାର୍ଷିକ ସମ୍ମିଳନୀ ସଂପ୍ରତି ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇ ଯାଇଛି । ଦେଶର ବିଭିନ୍ନ ଭାଗରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ସେମାନଙ୍କର ପରିବାର ସହିତ ଯୋଗ ଦେଇଥିଲେ । ପ୍ରଥମେ ପୁରାତନ ଛାତ୍ର ଲେଫ୍ଟନାଂଟ ଜେନେରାଲ ଜେ.କେ.ମହାନ୍ତିଙ୍କ ଦ୍ୱାରା ସହିଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା ।ପୁରାତନ ଛାତ୍ର ଡାକ୍ତର ନିରନ ପାଢୀ ଓ ତାଙ୍କର ସହଯୋଗୀମାନଙ୍କ ସହାୟତାରେ ଏକ ସ୍ୱାସ୍ଥ୍ୟପରୀକ୍ଷା ଶିବିର ଓ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା ।ଏହାର ସୁଯୋଗ ବିଦ୍ୟାଳୟର କର୍ମଚାରୀଗଣ , ସେମାନଙ୍କର ପରିବାର ବର୍ଗ ଏବଂ ପୁରାତନ ଛାତ୍ରମାନେ ନେଇଥିଲେ । ପ୍ରାୟ ୪୦ ଜଣ ସଭ୍ୟ ରକ୍ତଦାନ କରିଥିଲେ। ଏହି ସମ୍ମିଳନୀ ଅବସରରେ ପୁରାତନ ଛାତ୍ରପରିଷଦର ନୂତନ କର୍ମକର୍ତା ଚୟନ କରାଯାଇଥିଲା। ଶ୍ରୀ ହରଦମନ ସିଂ ସଭାପତି , ଶ୍ରୀ ମଧୁସୂଦନ ପାଢୀ( ଆଇ.ଏ.ଏସ୍.) ଉପ ସଭାପତି ,କମାଣ୍ଡର ଦୀନେଶ ସ୍ୱାଇଁ ସେକ୍ରେଟାରୀ ,ଶ୍ରୀ ସତ୍ୟ ମହାନ୍ତି ଯୁଗ୍ମ ସେକ୍ରେଟାରୀ ଭାବେ ନିର୍ବାଚିତ ହୋଇଥିଲେ। ଆଗାମୀ ଫେବୃଆରୀ ୧ , ୨୦୨୨ ରେ ସୈନିକସ୍କୁଲ ନିଜର ରୌପ୍ୟଜୟନ୍ତୀ ପାଳନ କରୁଥିବାରୁ , ଉତ୍ସବର ସାମଗ୍ରିକ ଉତ୍କର୍ଷ ନିମିତଏହି ନବନିର୍ବାଚିତ ପୁରାତନ ଛାତ୍ରପରିଷଦର ଗୁରୁଦାୟିତ୍ୱ ରହିବା ସ୍ୱାଭାବିକ। ଚଳିତ ବର୍ଷର ଏହି ବାର୍ଷିକ ଉତ୍ସବର ଆୟୋଜନର ଦାୟିତ୍ୱ ନେଇଥିଲେ ପୂର୍ବତନ ସଭାପତି ଶ୍ରୀ ଅମିତାଭ ସ୍ୱାଇଁ । ଏଥିରେ ଲେଫ୍ଟନାଂଟ ଜେନେରାଲ ଜେ.କେ.ମହାନ୍ତି ,ଏଆର୍ ମାର୍ଶାଲ ଜେ.ଏନ୍.ବର୍ମା , ବ୍ରିଗେଡିୟର୍ ଏଲ୍.ସି.ପଟ୍ଟନାୟକ , ସୈନିକସ୍କୁଲ ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍.ଡୋମିନିକ ରାୟନ ଏବଂ ପରିଷଦର ଅନ୍ୟ ପୁରାତନ ଛାତ୍ର ମାନେ ଯୋଗ ଦେଇଥିଲେ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray